सत्यमेव जयते

ପ୍ରଧାନମନ୍ତ୍ରୀ, ଭାରତ ସରକାରଙ୍କ
ଅର୍ଥନୈତିକ ଉପଦେଷ୍ଟା
ପରିଷଦ

# ଭାରତର ନୀଳ ଅର୍ଥନୀତି

## ଏକ ପ୍ରସ୍ତାବିତ ନୀତି
## ରୂପରେଖ



1. ସମ୍ମାନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ନୀଳ ଅର୍ଥନୀତି ଉପରେ ଗୁରୁତ୍ୱର ଅନୁପାଳନରେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦ (ଇଏସି-ପିଏମ୍ ), ନୀଳ ଅର୍ଥନୀତି ପ୍ରତି ଏକ ନୀତି ଆଭିମୁଖ୍ୟ ସୃଷ୍ଟି କରିବା ପାଇଁ ଉପକ୍ରମ ଗ୍ରହଣ କରିଛନ୍ତି । ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ମନ୍ତ୍ରାଳୟ, ବିଭାଗ ଏବଂ ଏଜେନ୍ସୀଗୁଡ଼ିକ ମଧ୍ୟରେ ଫରକ ଏବଂ ସଂପୃକ୍ତି କାରଣରୁ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ଏକୀକୃତ ଏବଂ ସମନ୍ୱୀତ ପ୍ରୟାସ ନିମନ୍ତେ ଏକ ଜରୁରୀ ଆବଶ୍ୟକତା ରହିଛି କାରଣ ସେଗୁଡ଼ିକର ସ୍ଥୁଳ- ଅର୍ଥନୈତିକ ନିହିତାର୍ଥ ରହିଛି ।

2. ଭାରତର ନୀଳ ଅର୍ଥନୀତି ନିମନ୍ତେ ଏକ ପ୍ରସ୍ତାବିତ ନୀତି ଉପସ୍ଥାପିତ କରିବାର ସୁଯୋଗ ମୋତେ ମିଳିଛି । ଏହା ପ୍ରାସଙ୍ଗିକ ମନ୍ତ୍ରାଳୟ, ବୁଦ୍ଧିଜୀବି ଏବଂ ବିଶେଷଜ୍ଞମାନଙ୍କ ସହ ବିଚାର ବିମର୍ଷର ଅନେକ ପର୍ଯ୍ୟାୟ ପରେ ଏହା ପ୍ରସ୍ତୁତ ହୋଇଛି । ଏହି ପ୍ରାରୂପ ଉଭୟ ରଣନୀତି ଏବଂ ସେହି ଲକ୍ଷ୍ୟ ଯାହା ଭାରତ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇ ପାରିବ ତାହା ଉପସ୍ଥାପନା କରୁଛି । ଜନସାଧାରଣଙ୍କ ପାଇଁ ଏକ ଦୀର୍ଘସ୍ଥାୟୀ ଶୈଳୀରେ ଏକ ଉନ୍ନତ ଅର୍ଥନୈତିକ ଭବିଷ୍ୟତ ନିଶ୍ଚିତ କରିବା ପାଇଁ ନୀଳ ସମ୍ପଦଗୁ ୂଡ଼ିକ ଉପଯୋଗ କରିବାର ମୂଳଦୁଆ ହୋଇ ପାରିବ ।

3. ମୁଁ ନୀଳ ଅର୍ଥନୀତି ଉପକ୍ରମ ଅଧୀନସ୍ଥ ସାତଟି କାର୍ଯ୍ୟକାରିଣୀ ଗୋଷ୍ଠୀର ଅଧକ୍ଷ ଗଣ , ସଂଯୋଜକଗଣ, ସଦସ୍ୟମାନେ ଏବଂ ସଂଯୁକ୍ତ ଯୁବ ପେଶାଦାରମାନଙ୍କୁ ଧନ୍ୟବାଦ ଜଣାଉଛି । ସେମାନଙ୍କର ସହଯୋଗ ଖୁବ୍ ଉଲ୍ଲେଖନୀୟ ହୋଇ ଆସିଛି । ସେମାନେ ବିସ୍ତୃତ ରିପୋର୍ଟଗୁଡ଼ିକର ଏକ ସିରିଜ୍ ପ୍ରତି ଯୋଗଦାନ ଦେଇଛନ୍ତି ଯାହା ନୀଳ ଅର୍ଥନୀତିର ଭିନ୍ନ ଭିନ୍ନ ଦିଗ ଉପରେ ମୋଟାମୋଟି ଆକଳନ କରିଛି । ପ୍ରତ୍ୟେକ ରିପୋର୍ଟ ବିଦ୍ୟମାନ ଏବଂ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକ ଚିହ୍ନଟ କରିଛି ଏବଂ ପ୍ରତ୍ୟେକ କ୍ଷେତ୍ରରେ ବିଶାଳ ସମ୍ଭାବନା ଏବଂ ସୁଯୋଗ ହାସଲ କରିବା ପାଇଁ ଦୃଢ଼ ଅନୁମୋଦନଗୁଡ଼ିକର ଏକ ସମୂହ ପ୍ରସ୍ତୁତ କରିଛି । ମୁଁ ମଧ୍ୟ ମୁଖ୍ୟ ସଂଯୋଜକ ଅଧିକାରୀ ଭାବରେ ଡ. ସୁମିତା ମିଶ୍ର, ବରିଷ୍ଠ ଉପଦେଷ୍ଟା, ଇଏସି-ପିଏମ୍ ଙ୍କ ଯୋଗଦାନକୁ ପ୍ରଶଂସା କରୁଛି ଯେ କି ଏହି ଜଟିଳ ପ୍ରକ୍ରିୟା ସମାପ୍ତ ହେବାର ତତ୍ତ୍ୱାବଧାନ ଏବଂ ସମନ୍ୱୟ କରିଛନ୍ତି । ମୁଁ ମଧ୍ୟ ବିଚାର ବିମର୍ସ ସମୟରେ ସେମାନଙ୍କର ସକ୍ରିୟ ଅଂଶିଦାରିତା ନିମନ୍ତେ ପରିଚାଳନା କମିଟିର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଉଛି ।

4. ମୁଁ ଆଶା କରୁଛି ଯେ ଏହି ଦସ୍ତାବିଜ୍ ଭାରତ ସରକାରଙ୍କ ନୀଳ ଅର୍ଥନୀତି ଉପକ୍ରମ ପ୍ରତି ଅର୍ଥପୂର୍ଣ୍ଣ ଯୋଗଦାନ ଦେବ ।

ରତନ ପି. ୱାତଲ ସଦସ୍ୟ ସଚିବ<br>
ଇଏସି-ପିଏମ୍

## United Nations Sustainable Development Goal 14

**"Conserve and sustainably use the oceans seas and marine resources for sustainable development"**




"To me the Blue Chakra or wheel in India's national flag represents the potential of Blue Revolution or the Ocean Economy. That is how central the ocean economy is to us".

– Shri Narendra Modi
Prime Minister of India



## INDIA & ITS TERRITORIAL WATERS




Source : Ministry of Earth Sciences, 2019

## 1. ନୀଳ ଅର୍ଥନୀତି ସମ୍ପର୍କରେ ଭାରତର ଦୃଷ୍ଟିକୋଣ

1.1 ନୀଳ ଅର୍ଥନୀତିର ଅର୍ଥନୈତିକ ଦର୍ଶନ ସର୍ବପ୍ରଥମେ 1994 ମସିହାରେ ଭବିଷ୍ୟତ ଅଭିବୃଦ୍ଧି ଏବଂ ସମୃଦ୍ଧି ସହ ବିଶ୍ୱ ତାପାୟନ ଦ୍ୱାରା ସୃଷ୍ଟି ହେଉଥିବା ବିପଦଗୁଡ଼ିକ ଉପରେ ଆଲୋକପାତ କରିବା ପାଇଁ ପ୍ରଫେସର ଗୁଣ୍ଟର ପୌଲିଙ୍କ ଦ୍ୱାରା ୟୁନାଇଟେଡ୍ ନେସନ୍ ୟୁନିଭର୍ସିଟି (ୟୁଏନୟୁ) ଠାରେ ଉପସ୍ଥାପିତ କରାଯାଇଥିଲା । ଏହି ଅବଧାରଣା "ବର୍ଜ୍ୟହୀନ ଏବଂ ଉତ୍ସର୍ଜନହୀନ" ଉପରେ ଆଧାର କରି ଇଞ୍ଜିନିୟରିଂ ଅବଧାରଣାଗୁଡ଼ିକ ସମେତ ବିକାଶର ଅଧିକ ଦୀର୍ଘସ୍ଥାୟୀ ମଡେଲ୍ ବିକଶିତ କରିବା ଉପରେ ଆଧାରିତ ଥିଲା । 2012ରେ ତୃତୀୟ ଆର୍ଥ ସମିଟ୍ କନ୍‌ଫରେନ୍ସ - ରିଓ+20 ପରେ ନୀଳ ଅର୍ଥନୀତି ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀ ଧ୍ୟାନ କେନ୍ଦ୍ରିତ କରିଥିଲା *ଅନ୍ୟ ସମସ୍ତ ସହିତ* ସବୁଜ ଅର୍ଥନୀତିର ଅବଧାରଣାରୁ ନୀଳ ଅର୍ଥନୀତିର ଅବଧାରଣାକୁ ପ୍ରସାରିତ ହେବା ଉପରେ । ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ 14 ବୈଶ୍ୱିକ ପ୍ରଶାସନ ନିମନ୍ତେ ଏବଂ ମହାସାଗର ସମ୍ବଳଗୁଡ଼ିକର ଉପଯୋଗ ନିମନ୍ତେ ଏକ ମାର୍ଗଦର୍ଶକ ସିଦ୍ଧାନ୍ତ ଭାବରେ "ନିରନ୍ତର ବିକାଶ ନିମନ୍ତେ ମହାସାଗର, ସାଗର ଏବଂ ସାମୁଦ୍ରିକ ସମ୍ବଳଗୁଡ଼ିକର ସଂରକ୍ଷଣ ଏବଂ କ୍ରମାଗତ ବିକାଶ" ଆବଶ୍ୟକ ହୋଇଥିଲା ସେତେବେଳେ ଏହି ଅବଧାରଣାକୁ ଏକ ପ୍ରୋତ୍ସାହନ ମିଳିଥିଲା । ବହୁ ସଂଖ୍ୟକ ସଦସ୍ୟ ବର୍ତ୍ତମାନ ନୀଳ ଅର୍ଥନୀତି ସମ୍ପର୍କରେ ସେମାନଙ୍କର ନିଜସ୍ୱ ସଂଜ୍ଞା ଏବଂ ନମୁନା ସୃଷ୍ଟି କରିଛନ୍ତି । ମହାମାରୀ ପୂର୍ବ ଓଇସିଡି (OECD) ଆକଳନ ଅନୁଯାୟୀ ଅବଶିଷ୍ଟ ବିଶ୍ୱ ଅର୍ଥନୀତି ହାରର ଦୁଇ ଗୁଣ ବେଗରେ ସାରା ବିଶ୍ୱରେ ନୀଳ ଅର୍ଥନୀତି ବୃଦ୍ଧି ପାଇବ ବୋଲି ଆଶା କରାଯାଉଥିଲା । ଏହା ନିଶ୍ଚିତ ଭାବରେ ଲକ୍ଷ୍ୟ କରାଯିବା ଆବଶ୍ୟକ ଯେ ନୀଳ ଅର୍ଥନୀତିରୁ ମୂଲ୍ୟ ସଂଯୁକ୍ତି ଉପସାଗରୀୟ ଉତ୍ପାଦନ ଏବଂ ସେବାଗୁଡ଼ିକ, ସାମୁଦ୍ରିକ ବାଣିଜ୍ୟ, ଜାହାଜ ଚଳାଚଳ, କୂଳ ନିକଟସ୍ଥ ଏବଂ ଉପସାଗରୀୟ ଶକ୍ତି ଗଭୀର ସମୁଦ୍ର ଖଣିଜ, ଜଳଜ କୃଷି ଏବଂ ମତ୍ସ୍ୟ ପାଳନ ଓ ସମୁଦ୍ର ସମ୍ପର୍କିତ ଟେକ୍ନୋଲୋଜିଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ।

1.2 ନୀଳ ଅର୍ଥନୀତି ପ୍ରସ୍ତୁତ କରିବା ପାଇଁ ସାରା ବିଶ୍ୱରେ ଭିନ୍ନ ଭିନ୍ନ ଜାତୀୟ ଏବଂ ବୈଶ୍ୱିକ ଉପକ୍ରମ ଗ୍ରହଣ କରାଯାଇଛି । ଅଷ୍ଟ୍ରେଲିଆ, ବ୍ରାଜିଲ୍, ୟୁ.କେ., ୟୁ.ଏସ୍., ଋଷିଆ ଏବଂ ନରୱେ ପରି ଦେଶଗୁଡ଼ିକ ମଧ୍ୟମ ସ୍ତରର ପରିଣାମ ଏବଂ ବଜେଟ୍ ବ୍ୟବସ୍ଥା ସହିତ ନିଷ୍ଠାପର ଜାତୀୟ ମହାସାଗରୀୟ ନୀତି ବିକଶିତ କରିଛନ୍ତି । କାନାଡ଼ା ଏବଂ ଅଷ୍ଟ୍ରେଲିଆ ପରି ଦେଶ ନୀଳ ଅର୍ଥନୀତି ଲକ୍ଷ୍ୟଗୁଡ଼ିକରେ ଅଗ୍ରଗତି ସୁନିଶ୍ଚିତ କରିବା ଏବଂ ନିରୀକ୍ଷଣ କରିବା ପାଇଁ ସଂଘୀୟ ଏବଂ ପ୍ରାଦେଶିକ ସ୍ତରରେ ବିଧେୟକ କାର୍ଯ୍ୟକାରୀ କରିଛନ୍ତି ଏବଂ ଅଧିକ୍ରମିକ ଅନୁଷ୍ଠାନଗୁଡ଼ିକ ସ୍ଥାପନ କରିଛନ୍ତି ।

1.3 1981ରେ ଏକ ମହାସାଗର ଉନ୍ନୟନ ବିଭାଗ,ବର୍ତ୍ତମାନ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ, ସୃଷ୍ଟି କରିବାରେ ଭାରତ ପୃଥିବୀରେ ପ୍ରଥମ ଥିଲା । ତିନି ଦଶକରୁ ଅଧିକ ସମୟର ଅଭିଜ୍ଞତା ଉପରେ ଆଧାର କରି ଭାରତ "ଗଭୀର ମହାସାଗର ଅଭିଯାନ", "ମହାକାଶରୁ ସମୁଦ୍ର ବିଜ୍ଞାନ" ଏବଂ ଭାରତୀୟ ଉପକୂଳରେ "ଡାଟା ବଏସ୍‌ର ଶୁଭାରମ୍ଭ" ପରି ନୂତନ କାର୍ଯ୍ୟକ୍ରମର ଆରମ୍ଭ ସହିତ ଭାରତ ଦୀର୍ଘ ପଥ ଅତିକ୍ରମ କରିଛି । ଏସବୁ ଉପକ୍ରମଗୁଡ଼ିକ ଉପଗ୍ରହଗୁଡ଼ିକୁ ବୈଜ୍ଞାନିକ ବିଶ୍ଳେଷଣ ନିମନ୍ତେ ପାଣିପାଗ ସମେତ ବିଭିନ୍ନ ମହାସାମୁଦ୍ରିକ ବୈଶିଷ୍ଟ୍ୟଗୁଡ଼ିକ ଉପରେ ତଥ୍ୟ ସରାବରାହ ପାଇଁ ସମର୍ଥ କରିଛି । ଉତ୍ତରାଧୀକାରୀ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ (ଏମଓଇଏସ୍) ମହାସାଗରରେ ସାମୁଦ୍ରିକ ଆବର୍ଜନା/ ପ୍ଲାଷ୍ଟିକ୍‌ର ଆକଳନ ଏବଂ ହ୍ରାସ ନିମନ୍ତେ ରଣନୀତି ବିକାଶ କରିବା ପାଇଁ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ "ପରିଚ୍ଛନ୍ନ ସମୁଦ୍ର କାର୍ଯ୍ୟକ୍ରମ" ସଂକ୍ରାନ୍ତରେ ଜାତିସଂଘ ସହ ଯୋଗ ଦେଇଛି, ଯାହାକି ଏସଡିଜି-14ର ମଧ୍ୟ ଏକ ଅଂଶ । ଏମ୍‌ଓଇଏସ୍ (MoES) ମଧ୍ୟ ଇଣ୍ଟରନ୍ୟାସନାଲ୍ ସି ବେଡ୍ ଅଥରିଟି (ଆଇଏସବିଏ) ସହିତ ଭାରତ ମହାସାଗରରେ ଖଣିଜ ପଦାର୍ଥ (ପ୍ଲୁଏମେଟାଲିକ୍ ନୋଡୁଲ୍‌ସ ଆଣ୍ଡ ହାଇଡ୍ରୋଥର୍ମାଲ୍ ସଲ୍‌ଫାଇଡ୍) ନିମନ୍ତେ ଗଭୀର ମହାସାଗର ଅନ୍ୱେଷଣ ପାଇଁ ଦୁଇଟି ଚୁକ୍ତି ସ୍ୱାକ୍ଷର କରିଛି । ଏସବୁ କ୍ଷେତ୍ରରେ ଅଭିବୃଦ୍ଧିର ଲାଭଗୁଡ଼ିକ ଅମଳ କରିବା ପାଇଁ ଭାରତକୁ ଉଭୟ ଅପ୍‌ଷ୍ଟ୍ରିମ୍ ଏବଂ ଡାଉନ୍‌ଷ୍ଟ୍ରିମ୍ ଗତିବିଧି ନିମନ୍ତେ ଏକ ଦୀର୍ଘସ୍ଥାୟୀ ନୀତି ବିକାଶ କରିବାକୁ ହେବ ।

1.4 ଫେବୃଆରୀ 2019ରେ ସ୍ଥାପିତ ହୋଇଥିବା ଭାରତ ସରକାରଙ୍କର 2030 ସୁଦ୍ଧା ନୂତନ ଭାରତର ଲକ୍ଷ୍ୟ ଅଭିବୃଦ୍ଧିର ଦଶଟି କେନ୍ଦ୍ରୀୟ ଦିଗ

ମଧ୍ୟରୁ ଅନ୍ୟତମ ଭାବରେ ନୀଳ ଅର୍ଥନୀତି ଉପରେ ଆଲୋକପାତ କରିଥିଲା । ଉପକୂଳ ସମୂହଗୁଡ଼ିକର ଜୀବନକୁ ଉନ୍ନତ କରିବା ଏବଂ ଉନ୍ନୟନ ଓ ରୋଜଗାରକୁ ତ୍ୱରାନ୍ୱିତ କରିବା ପାଇଁ ଭିନ୍ନ ଭିନ୍ନ କ୍ଷେତ୍ରଗୁଡ଼ିକୁ ଏକୀକୃତ କରି ଏକ ସୁସଂଗତ ନୀତିର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ନୀଳ ଅର୍ଥନୀତି ଏହି ଲକ୍ଷ୍ୟର ଷଷ୍ଠ ଦିଗ ଭାବରେ ଉଲ୍ଲେଖ କରାଯାଇଥିଲା । ନିକଟରେ ପ୍ରଧାନମନ୍ତ୍ରୀ 2020ରେ ତାଙ୍କର 74ତମ ସ୍ୱାଧୀନତା ଦିବସ ଅଭିଭାଷଣରେ ଏହା ଉପରେ ଆଲୋକପାତ କରିଥିଲେ ଯେ ସାମ୍ପ୍ରତିକ ପରିପ୍ରେକ୍ଷୀରେ ଜଣେ ପଡ଼ୋଶୀ କେବଳ ସେହି ଜଣକ ନୁହେଁ ଯାହା ସହିତ ଆମେ ଭୌତିକ ସୀମା ବାଣ୍ଟିଥାଉ ବରଂ ଏମାନେ ମଧ୍ୟ ଯେଉଁମାନଙ୍କ ସହ ସମ୍ପର୍କରେ ଏକ ସଂଗତି ରହିଛି । ଦ୍ୱୀପାଞ୍ଚଳ ନିମନ୍ତେ ଉଚ୍ଚ ବେଗ ବିଶିଷ୍ଟ ବ୍ରଡ୍‌ବ୍ୟାଣ୍ଡ କନେକ୍ଟିଭିଟି ନିଶ୍ଚିତ କରିବା ପାଇଁ ଦେଶରେ ମଧ୍ୟ ମୁଖ୍ୟ ଭୂଖଣ୍ଡ ସହିତ ସେବାରେ ସମାନ ଭାବରେ ଆମର ଦ୍ୱୀପାଞ୍ଚଳ କ୍ଷେତ୍ରଗୁଡ଼ିକୁ ସମୁଦ୍ର ତଳ ଅପ୍ଟିକାଲ୍ ଫାଇବର କେବୁଲ୍‌ରେ ସଂଯୁକ୍ତ କରିବାର ଲକ୍ଷ୍ୟ ରହିଛି । ଏହି ପରିପ୍ରେକ୍ଷୀରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଉଦୀୟମାନ ଅର୍ଥନୈତିକ ଏବଂ ରଣନୈତିକ ଅକ୍ଷକୁ ସ୍ୱୀକୃତି ଦେବା ଉଚିତ୍ ଯାହା ଆଫ୍ରିକାର ପୂର୍ବ ଉପକୂଳରୁ ପଶ୍ଚିମ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ, ଯାହାକୁ ସିଚେଲ୍‌ସ-ସିଙ୍ଗାପୁର-ସାମୋଆ (ଏସଏସଏସ) ଅକ୍ଷ କୁହାଯାଇପାରିବ । ଏହି ଅକ୍ଷ ଭାରତ ନିମନ୍ତେ ଏକ ଦୃଢ଼ ନୀଳ ଅର୍ଥନୀତି ଗଠନ କରିବାର ଆଧାର ହେବା ଉଚିତ୍ ।

1.5 ଭାରତର ଏକ ଅନନ୍ୟ ସାମୁଦ୍ରିକ ସ୍ଥିତି ରହିଛି । ଏହାର 7517 କିମି ଦୀର୍ଘ ଉପକୂଳରେ ନଅଟି ଉପକୂଳବର୍ତ୍ତୀ ରାଜ୍ୟ ଏବଂ 1382 ଦ୍ୱୀପ ରହିଛି । ଆମ ଦେଶର 12ଟି ବୃହତ୍ ବନ୍ଦର ଏବଂ 187ଟି ଅଣ-ବୃହତ୍ ବନ୍ଦର ରହିଛି ଯାହା ପ୍ରତି ବର୍ଷ ପ୍ରାୟ 1400 ନିୟୁତ ଟନ୍ ମାଲ୍ କାରବାର କରିଥାଏ, କାରଣ ପରିମାଣ ଅନୁଯାୟୀ ଭାରତର 95% ବ୍ୟବସାୟ ସମୁଦ୍ର ମାର୍ଗଦେଇ ଯାତାୟତ କରିଥାଏ । ଭାରତର ବିଶେଷ ଅର୍ଥନୈତିକ କ୍ଷେତ୍ର ମଧ୍ୟରୁ ଦୁଇ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଜୀବନ୍ତ ଏବଂ ଅଣଜୀବନ୍ତ ଉତ୍ସଗୁଡ଼ିକରେ ସମୃଦ୍ଧ ଏବଂ ଏଥିରେ ଉଲ୍ଲେଖନୀୟ ଅଶୋଧିତ ତୈଳର ପୁନଃପ୍ରାପ୍ତଯୋଗ୍ୟ ଉତ୍ସ ଏବଂ ପୁନଃପ୍ରାପ୍ତଯୋଗ୍ୟ ପ୍ରାକୃତିକ ଗ୍ୟାସ୍‌ର ଉତ୍ସ ରହିଛି । ଉପକୂଳ ଅର୍ଥନୀତି ମଧ୍ୟ 4 ନିୟୁତ ମତ୍ସ୍ୟଜୀବୀ ଏବଂ ଅନ୍ୟ ଉପକୂଳ ସମୂହର ପୋଷଣ କରିଥାଏ । ଏସବୁ ବିଶାଳ ସାମୁଦ୍ରିକ ସ୍ୱାର୍ଥ ସହିତ ଭାରତରେ ଏହି ନୀଳ ଅର୍ଥନୀତିର ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ।

1.6 ନିକଟ ବର୍ଷଗୁଡ଼ିକରେ ସାମୁଦ୍ରିକ କ୍ଷେତ୍ରରେ ନିରନ୍ତର ବିକାଶ ନିମନ୍ତେ ଅନେକ ଗୁଡ଼ିଏ ଉପକ୍ରମ କାର୍ଯ୍ୟକାରୀ ହୋଇଛି । ଏସବୁ ଉପକ୍ରମଗୁଡ଼ିକ ଭାରତର ସାମୁଦ୍ରିକ ସ୍ୱାର୍ଥ ଏବଂ ଆମର ନୀଳ ଅର୍ଥନୀତିର ଅଭିବୃଦ୍ଧିକୁ ଦୃଢ଼ କରିବା ପାଇଁ ଉତ୍‌ପ୍ରେରକ । କୋଭିଡ୍ - 19 ପରବର୍ତ୍ତୀ ବୈଶ୍ୱିକ ପରିଦୃଶ୍ୟରେ ଭାରତ ସାମୁଦ୍ରିକ ସମ୍ପଦଗୁଡ଼ିକର ଦକ୍ଷ ଏବଂ ନିରନ୍ତର ଉପଯୋଗ ଦ୍ୱାରା ସାମୁଦ୍ରିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିବାର ସମ୍ଭାବନା ରହିଛି ।

1.7 ଭାରତ ପରିବେଶର ସୁରକ୍ଷା ଏବଂ ଜାତିସଂଘ ନିରନ୍ତର ବିକାଶ ଲକ୍ଷ୍ୟ ସହ ସମନ୍ୱୟ ରକ୍ଷା କରିବା ସହ ସାମୁଦ୍ରିକ ସମ୍ପଦଗୁଡ଼ିକର ଦକ୍ଷ ଏବଂ ନିରନ୍ତର ଉପଯୋଗ ନିମନ୍ତେ ପ୍ରୟାସ କରିବା ଉଚିତ୍ ଏବଂ ନିଯୁକ୍ତିକୁ ତ୍ୱରାନ୍ୱିତ କରିବା ଓ ମୋଟ ମୂଲ୍ୟ ସଂଯୁକ୍ତି ଲକ୍ଷ୍ୟରେ ମହାସାଗର ସମ୍ପର୍କିତ କ୍ଷମତା, ଦକ୍ଷତା ଏବଂ କୌଶଳକୁ ଏକୀକୃତ ଏବଂ ଦୃଢ଼ କରିବାର ପ୍ରୟାସ କରିବା ଉଚିତ୍ ।

1.8 ଭାରତର ନୀଳ ଅର୍ଥନୀତିର ଉନ୍ନୟନ ନିମନ୍ତେ ଏକ ପାରଦର୍ଶୀ ନୀତି ରୂପରେଖ ଉପରେ ଆଧାର କରି ଏକ ସ୍ପଷ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯିବା ଆବଶ୍ୟକ । ଏହି ନୀତି ରୂପରେଖର ଲକ୍ଷ୍ୟ ହେବ ଜାତୀୟ ନିରାପତ୍ତା ଲକ୍ଷ୍ୟ ଏବଂ ଆନ୍ତର୍ଜାତୀୟ ପ୍ରତିବଦ୍ଧତା ସହିତ ଭାରତର ବିକାଶ କାର୍ଯ୍ୟସୂଚୀକୁ ସମରେଖାରେ ରଖି ଏହି ନୂତନ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଏବଂ ସମ୍ମିଳିତ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଦ୍ୱାରା ଦେଶର ଜିଡିପି ବୃଦ୍ଧି କରିବା ।

## 2. ଆଗକୁ ଥିବା ରାସ୍ତା - ଭାରତର ନୀଳ ଅର୍ଥନୀତି ନିମନ୍ତେ ଏକ ପ୍ରସ୍ତାବିତ ନୀତି ରୂପରେଖ

### ଉପକ୍ରମଣିକା

2.1 ଭାରତର ଏକ ଅନନ୍ୟ ସାମୁଦ୍ରିକ ସ୍ଥିତି ରହିଛି । ଏହାର 7517 କିମି ଦୀର୍ଘ ଉପକୂଳରେ ନଅଟି ଉପକୂଳବର୍ତ୍ତୀ ରାଜ୍ୟ ଏବଂ 1382 ଦ୍ୱୀପ ରହିଛି । ଆମ ଦେଶର 12ଟି ବୃହତ୍ ବନ୍ଦର ଏବଂ 187ଟି ଅଣ-ବୃହତ୍ ବନ୍ଦର ରହିଛି ଯାହା 2019 ବର୍ଷରେ ପ୍ରାୟ 633.87 ନିୟୁତ ଟନ୍ ମାଲ୍ କାରବାର କରିଥିଲେ । ପରିମାଣ ଅନୁଯାୟୀ ଭାରତର 95% ବ୍ୟବସାୟ ସମୁଦ୍ର ମାର୍ଗଦେଇ ଯାତାୟତ କରିଥାଏ । ଭାରତର ବିଶେଷ ଅର୍ଥନୈତିକ କ୍ଷେତ୍ର ମଧ୍ୟରୁ ଦୁଇ ନିୟୁତ ବର୍ଗ କିଲୋମିଟରରୁ ଅଧିକ ଜୀବନ୍ତ ଏବଂ ଅଣଜୀବନ୍ତ ଉତ୍ସଗୁଡ଼ିକରେ ସମୃଦ୍ଧ ଏବଂ ଏଥିରେ ଉଲ୍ଲେଖନୀୟ ଅଶୋଧିତ ତୈଳର ପୁନଃପ୍ରାପ୍ତଯୋଗ୍ୟ ଉତ୍ସ ଏବଂ ପୁନଃପ୍ରାପ୍ତଯୋଗ୍ୟ ପ୍ରାକୃତିକ ଗ୍ୟାସ୍‌ର ଉତ୍ସ ରହିଛି । ଏହା ସମ୍ଭାବ୍ୟ ଭାବରେ ଉପକୂଳ ନିର୍ମାଣ ଏବଂ ସେବାରେ, ବ୍ୟବସାୟରେ, ଜାହାଜ ପରିବହନରେ, ଗଭୀର ସମୁଦ୍ର ଖଣିଜରେ, ଜଳଜ ଜୀବ ପାଳନ ଏବଂ ମତ୍ସ୍ୟ ପାଳନ ଓ ସମୁଦ୍ର ସମ୍ପର୍କିତ ଜ୍ଞାନ କୌଶଳରେ ମୂଲ୍ୟ ସଂପୃକ୍ତି ବୃଦ୍ଧି କରିପାରିବ । ଉପକୂଳ ଅର୍ଥନୀତି ମଧ୍ୟ ଉପକୂଳ ସମୂହର 40 ଲକ୍ଷ ମତ୍ସ୍ୟଜୀବୀ ଏବଂ ଅନ୍ୟ ଉଲ୍ଲେଖଯୋଗ୍ୟ ଜନସଂଖ୍ୟାକୁ ପୋଷଣ କରିଥାଏ ।

2.2 ଏହି କାରଣରୁ ଭାରତର ଏସବୁ ବୃହତ୍ ସାମୁଦ୍ରିକ ଆଗ୍ରହର ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଜାତୀୟ ସୁରକ୍ଷା ସହ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଭାରତର ନୀଳ ଅର୍ଥନୀତି ହେଉଛି ଜାତୀୟ ଅର୍ଥନୀତିର ଏକ ଉପସମୂହ ଯାହା ଭାରତର ନ୍ୟାୟିକ ପ୍ରାଧିକରଣ ମଧ୍ୟରେ ଥିବା ମହାସାଗର ସମ୍ବଳର ସମ୍ପୂର୍ଣ୍ଣ ପ୍ରଣାଳୀ ଏବଂ ସାମୁଦ୍ରିକ, ସମୁଦ୍ର ତଟବର୍ତ୍ତୀ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ମାନବ ନିର୍ମିତ ଅର୍ଥନୈତିକ ଭିତ୍ତିଭୂମି ନେଇ ଗଠିତ ଯାହା ସାମଗ୍ରୀ ଏବଂ ସେବା ଉତ୍ପାଦନରେ ସାହାଯ୍ୟ କରିଥାଏ ଏବଂ ଅର୍ଥନୈତିକ ଅଭିବୃଦ୍ଧି, ପରିବେଶୀୟ ସ୍ଥିରତା ଏବଂ ଜାତୀୟ ସୁରକ୍ଷା ସହିତ ସ୍ୱଷ୍ଟ ସଂଯୋଗ ରହିଛି ।

ଭାରତର ନୀଳ ଅର୍ଥନୀତିର ଲାଭ ପାଇବା ପାଇଁ ସବିଶେଷ ଉପ- ଗୋଷ୍ଠୀ ରିପୋର୍ଟଗୁଡ଼ିକରେ ପ୍ରଦାନ କରାଯାଇଥିବା ମୂଲ୍ୟବାନ୍ ମତାମତକୁ ବିଶ୍ଳେଷଣ କରିବା ପରେ ନିମ୍ନୋକ୍ତ ପ୍ରସ୍ତାବିତ ନୀତି ରୂପରେଖର ପ୍ରସ୍ତାବ ଦିଆଯାଇଛି ।

### ବୈଶ୍ୱିକ ସ୍ଥିତି

2.3 ନୀଳ ଅର୍ଥନୀତିର ଅର୍ଥନୈତିକ ଦର୍ଶନ ସର୍ବପ୍ରଥମେ 1994 ମସିହାରେ ଭବିଷ୍ୟତ ଅଭିବୃଦ୍ଧି ଏବଂ ସମୃଦ୍ଧି ସହ ବିଶ୍ୱ ତାପାୟନ ଦ୍ୱାରା ସୃଷ୍ଟି ହେଉଥିବା ବିପଦଗୁଡ଼ିକ ଉପରେ ଆଲୋକପାତ କରିବା ପାଇଁ ପ୍ରଫେସର ଗୁଣ୍ଟର ପୌଲିଙ୍କ ଦ୍ୱାରା ୟୁନାଇଟେଡ୍ ନେସନ୍ ୟୁନିଭର୍ସିଟି (ୟୁଏନୟୁ) ଠାରେ ଉପସ୍ଥାପିତ କରାଯାଇଥିଲା । ଏହା ପରେ, 2012ରେ ତୃତୀୟ ଆର୍ଥ ସମିଟ୍ କନ୍‌ଫରେନ୍ସ - ରିଓ+20 ପରେ ନୀଳ ଅର୍ଥନୀତି ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀ ସବୁଜ ଅର୍ଥନୀତିର ଅବଧାରଣାରୁ ନୀଳ ଅର୍ଥନୀତିର ଅବଧାରଣାକୁ ପ୍ରସାରିତ ହେବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା । ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ 14 ବୈଶ୍ୱିକ ପ୍ରଶାସନ ନିମନ୍ତେ ଏବଂ ମହାସାଗର ସମ୍ବଳଗୁଡ଼ିକର ଉପଯୋଗ ନିମନ୍ତେ ଏକ ମାର୍ଗଦର୍ଶକ ସିଦ୍ଧାନ୍ତ ଭାବରେ "ନିରନ୍ତର ବିକାଶ ନିମନ୍ତେ ମହାସାଗର, ସାଗର ଏବଂ ସାମୁଦ୍ରିକ ସମ୍ବଳଗୁଡ଼ିକର ସଂରକ୍ଷଣ ଏବଂ କ୍ରମାଗତ ବିକାଶ" ଆବଶ୍ୟକ କରିଥାଏ । ବହୁ ସଂଖ୍ୟକ ସଦସ୍ୟ ଦେଶ ନୀଳ ଅର୍ଥନୀତି ସମ୍ପର୍କରେ ସେମାନଙ୍କର ନିଜସ୍ୱ ସଂଜ୍ଞା ଏବଂ ନମୁନା ସୃଷ୍ଟି କରିଛନ୍ତି ।

2.4 ନୀଳ ଅର୍ଥନୀତି ପ୍ରସ୍ତୁତ କରିବା ପାଇଁ ସାରା ବିଶ୍ୱରେ ଭିନ୍ନ ଭିନ୍ନ ଜାତୀୟ ଏବଂ ବୈଶ୍ୱିକ ଉପକ୍ରମ ଗ୍ରହଣ କରାଯାଇଛି । ଅଷ୍ଟ୍ରେଲିଆ, ବ୍ରାଜିଲ୍, ୟୁ.କେ., ୟୁ.ଏସ୍., ଋଷିଆ ଏବଂ ନରୱେ ପରି ଦେଶଗୁଡ଼ିକ ମଧ୍ୟମ ସ୍ତରର ପରିଣାମ ଏବଂ ବଜେଟ୍ ବ୍ୟବସ୍ଥା ସହିତ ନିଷ୍ପାପର ଜାତୀୟ ମହାସାଗରୀୟ ନୀତି ବିକଶିତ କରିଛନ୍ତି । କାନାଡ଼ା ଏବଂ ଅଷ୍ଟ୍ରେଲିଆ ପରି ଦେଶ ନୀଳ ଅର୍ଥନୀତି ଲକ୍ଷ୍ୟଗୁଡ଼ିକରେ ଅଗ୍ରଗତି ସୁନିଶ୍ଚିତ କରିବା ଏବଂ ନିରୀକ୍ଷଣ କରିବା ପାଇଁ ସଂଘୀୟ ଏବଂ ପ୍ରାଦେଶିକ ସ୍ତରରେ ବିଧେୟକ କାର୍ଯ୍ୟକାରୀ କରିଛନ୍ତି ଏବଂ ଅଧିକ୍ରମିକ ଅନୁଷ୍ଠାନଗୁଡ଼ିକ ସ୍ଥାପନ କରିଛନ୍ତି ।

2.5 1981ରେ ଏକ ମହାସାଗର ଉନ୍ନୟନ ବିଭାଗ ସୃଷ୍ଟି କରିବାରେ ଭାରତ ପୃଥିବୀରେ ପ୍ରଥମ ଥିଲା । ତିନି ଦଶକରୁ ଅଧିକ ସମୟର ଅଭିଜ୍ଞତା ଉପରେ ଆଧାର କରି ଭାରତ "ଗଭୀର ମହାସାଗର ଅଭିଯାନ", "ମହାକାଶରୁ ସମୁଦ୍ର ବିଜ୍ଞାନ" ଏବଂ ଭାରତୀୟ ଉପକୂଳରେ "ଡାଟା ବଏସ୍‌ର

ଶୁଭାରମ୍ଭ" ପରି ନୂତନ କାର୍ଯ୍ୟକ୍ରମର ଆରମ୍ଭ ସହିତ ଭାରତ ଦୀର୍ଘ ପଥ ଅତିକ୍ରମ କରିଛି । ମହାସାଗରରେ ସାମୁଦ୍ରିକ ଆବର୍ଜନା/ ପ୍ଲାଷ୍ଟିକ୍‌ର ଆକଳନ ଏବଂ ହ୍ରାସ ନିମନ୍ତେ ରଣନୀତି ବିକାଶ କରିବା ପାଇଁ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ (ଏମଓଇଏସ୍) "ପରିଚ୍ଛନ୍ନ ସମୁଦ୍ର କାର୍ଯ୍ୟକ୍ରମ" ସଂକ୍ରାନ୍ତରେ ଜାତିସଂଘ ସହ ଯୋଗ ଦେଇଛି, ଯାହାକି ଏସଡିଜି-14ର ମଧ୍ୟ ଏକ ଅଂଶ । ଭାରତର ମଧ୍ୟ ଭାରତ ମହାସାଗରର ଅନ୍ତରାଷ୍ଟ୍ରୀୟ ଜଳ କ୍ଷେତ୍ରରେ 75000 ବର୍ଗକିଲୋମିଟର କ୍ଷେତ୍ରରେ ଏବଂ ପଲିମେଟାଲିକ୍ ନୋଡୁଲ୍‌ସ ଏବଂ ପଲିମେଟାଲିକ୍ ସଲ୍‌ଫାଇଡ୍ ନିମନ୍ତେ 10000 ବର୍ଗକିଲୋମିଟର କ୍ଷେତ୍ରରେ ବିଶେଷ ଅନ୍ୱେଷଣ ଅଧିକାର ରହିଛି ।

### *ଲକ୍ଷ୍ୟ*

2.6 ଫେବୃଆରୀ 2019ରେ ସ୍ଥାପିତ ହୋଇଥିବା ଭାରତ ସରକାରଙ୍କର 2030 ସୁଦ୍ଧା ନୂତନ ଭାରତର ଲକ୍ଷ୍ୟ ଅର୍ଥନୈତିକ ଅଭିବୃଦ୍ଧିର ଦଶଟି କେନ୍ଦ୍ରୀୟ ଦିଗ ମଧ୍ୟରୁ ଅନ୍ୟତମ ଭାବରେ ନୀଳ ଅର୍ଥନୀତି ଉପରେ ଆଲୋକପାତ କରିଥିଲା । ଏକ ସୁସଂଗତ ନୀତିର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ନୀଳ ଅର୍ଥନୀତି ଏହି ଲକ୍ଷ୍ୟର ଷଷ୍ଠ ଦିଗ ଭାବରେ ଉଲ୍ଲେଖ କରାଯାଇଥିଲା । 2015ରେ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ (ଏମଓଇଏସ୍) ଦ୍ୱାରା ନୀଳ ଅର୍ଥନୀତି ଉପରେ ଏକ ଆଦ୍ୟ ପ୍ରସ୍ତାବିତ ନୀତି ଆରମ୍ଭ କରାଯାଇଥିଲା କିନ୍ତୁ ତାହା କେବେବି ଚୂଡ଼ାନ୍ତ ହୋଇପାରିନଥିଲା । ଏହି ନୀତି ରୂପରେଖ ସେହି ନୀତି ପ୍ରସ୍ତାବରେ ସମ୍ମିଳିତ ହୋଇଥିବା ବିଭିନ୍ନ ବିଚାର ଉପରେ ଗଠିତ ହୋଇଛି ।

2.7 ନୀଳ ଅର୍ଥନୀତିର ସାମାଜିକ- ଅର୍ଥନୈତିକ ସମ୍ଭାବନାକୁ ଉପଯୋଗ କରିବା ପାଇଁ ଭାରତର ଆଭିମୁଖ୍ୟ ଏହା ଉପରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ୍: -

- ନୀଳ ଅର୍ଥନୀତି ଗତିବିଧିର ଉପଯୁକ୍ତ ପରିମାପନ ଏବଂ ଜାତୀୟ ଆୟରେ ସେଗୁଡ଼ିକର ଅବଦାନ ନିମନ୍ତେ ଏକ ରୂପରେଖ;
- ମହାସାଗର ସମ୍ପଦ ଏବଂ ସେଗୁଡ଼ିକର ଦୀର୍ଘସ୍ଥାୟୀ ଉପଯୋଗ ସମ୍ପର୍କରେ ବିଜ୍ଞାନ ସମ୍ମତ ଆକଳନ ସହିତ ସ୍ଥାନିକ ଭାବରେ ଉନ୍ମୁଖ ଯୋଜନା
- ନୀଳ ଅର୍ଥନୀତିର ସମ୍ଭାବନାକୁ ଉପଯୋଗ କରିବା ଏବଂ ଜିଡିପି ଏବଂ ନିଯୁକ୍ତି ବୃଦ୍ଧିକୁ ଅନୁକୂଳିତ କରିବା ପାଇଁ ବିତ୍ତୀୟ ପୁଞ୍ଜି, ପ୍ରକୃତ ପୁଞ୍ଜି, ପ୍ରାକୃତିକ ପୁଞ୍ଜି ଏବଂ ମାନବ ପୁଞ୍ଜିରେ ବିନିଯୋଗ;
- ଉପକୂଳ ଅଞ୍ଚଳରେ ଥିବା ମତ୍ସ୍ୟଜୀବୀମାନଙ୍କର କଲ୍ୟାଣ, ସୁରକ୍ଷା ଏବଂ ଜୀବିକା ସୁନିଶ୍ଚିତ କରିବା
- ଶୂନ୍ୟ ଆବର୍ଜନା, ନିମ୍ନ ଅଙ୍ଗାରକ ପ୍ରଯୁକ୍ତି ସୁନିଶ୍ଚିତ କରିବା ପାଇଁ ଉଦ୍‌ଭାବନ ଯାହା ଜନସଂଖ୍ୟାର ବୃହତ୍ ଅଂଶ ନିମନ୍ତେ ଅର୍ଥନୈତିକ ଲାଭ ପ୍ରଦାନ କରିଥାଏ,
- ମହାସାଗର ସୁରକ୍ଷା ବ୍ୟବସ୍ଥା ଏବଂ ସନ୍ତୁଳିତ ଆନ୍ତର୍ଜାତୀୟ ନିୟୋଜନଗୁଡ଼ିକ ।

### *ଶୀର୍ଷକ ଏବଂ ପ୍ରବର୍ତ୍ତନ*

2.8 ଏହି ପ୍ରସ୍ତାବିତ ନୀତିକୁ "ଭାରତର ନୀଳ ଅର୍ଥନୀତି ନିମନ୍ତେ ଜାତୀୟ ଅର୍ଥନୀତି - 2020" କୁହାଯାଇପାରିବ । ଭାରତ ସରକାର ଏହି ପ୍ରସ୍ତାବିତ ନୀତି ଯେପରି ଉପଯୁକ୍ତ ମନେହେବ ସେହି ଅନୁଯାୟୀ ପୁନଃମୂଲ୍ୟାଙ୍କନ ସମୀକ୍ଷା ବିଶ୍ଳେଷଣ ଏବଂ ପରିବର୍ତ୍ତନ କରିବା ଉଚିତ୍ । ଏହି ଅଧ୍ୟାୟର ଉଦ୍ଦେଶ୍ୟ ପାଇଁ ଏହା "ପଲିସି" ଭାବରେ ସୂଚିତ ହେବ । ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ ଏହି ପଲିସିର କାର୍ଯ୍ୟକାରିତା ନିମନ୍ତେ ନୋଡାଲ୍ ମନ୍ତ୍ରାଳୟ ହେବ

## *ଲକ୍ଷ୍ୟ ଏବଂ ଆଭିମୁଖ୍ୟ*

2.9 ଚୂଡ଼ାନ୍ତ ପଲିସି ଯେଉଁପରି ଭାବରେ ଏବଂ ଯେତେବେଳେ ଅନୁମୋଦିତ ହେବ, ଏହା ଭାରତର ନୀଳ ଅର୍ଥନୀତି ସମ୍ପର୍କିତ ପ୍ରସଙ୍ଗଗୁଡ଼ିକ ନିମନ୍ତେ ପ୍ରାଥମିକ ନୀତି ଏବଂ ନିଷ୍ପତ୍ତି ଗ୍ରହଣକାରୀ ଦଲିଲ୍ ହେବ ।

ଏହି ପଲିସିର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ଏହାର ପରିବେଶ ମଧ୍ୟରେ ନିମ୍ନୋକ୍ତ ବିଷୟବସ୍ତୁଗୁଡ଼ିକ ସାମିଲ୍ କରିବ ।

## (A) ନୀଳ ଅର୍ଥନୀତି ନିମନ୍ତେ ଏକ ଜାତୀୟ ହିସାବ ଲେଖ ରୂପରେଖ

2.10 ନୀଳ ଅର୍ଥନୀତି ସହ ସମ୍ପର୍କିତ ବିଶ୍ୱାସଯୋଗ୍ୟ ତଥ୍ୟ ସୃଷ୍ଟି ଓ ସଂଗ୍ରହ ପାଇଁ ଏକ ନୂତନ ଦୃଢ଼ ବ୍ୟବସ୍ଥା ଗ୍ରହଣ କରାଯିବ । ସଂରଚନା, ଅଭିବୃଦ୍ଧି ଏବଂ ଗତିପଥ ଆକଳନ ନିମନ୍ତେ ନୀଳ ଅର୍ଥନୀତିର ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକର ସମୟ ସମୟରେ ଅଧ୍ୟୟନ କରାଯିବ ।

2.11 ନୀଳ ଅର୍ଥନୀତି ସହିତ ଜଡିତ କ୍ଷେତ୍ର ଏବଂ ଉପକ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ପରିମାପନ ପାଇଁ ଏକ ଢ଼ାଞ୍ଚା ବିକାଶ ନିମନ୍ତେ ଏକ ବିଶେଷଜ୍ଞ ଗୋଷ୍ଠୀ ଗଠନ କରାଯିବ । ବିଦ୍ୟମାନ ଶିଳ୍ପ ବର୍ଗୀକରଣ ପ୍ରୋଟୋକଲ ଏବଂ ମହତ୍ତ୍ୱ ପ୍ରଦାନ ଏହି ଉଦ୍ଦେଶ୍ୟରେ ପୁନଃ ପରିଦର୍ଶନ କରାଯିବ । ନୀଳ ଅର୍ଥନୀତି ପରିମାପନ ଏବଂ ପରିଚାଳନା ସହ ପ୍ରାସଙ୍ଗିକ ବୈଜ୍ଞାନିକ ସାଧନ ଏବଂ ପ୍ରଯୁକ୍ତି ବିକାଶ ପାଇଁ ଅଗ୍ରଣୀ ଦେଶ / ଅନୁଷ୍ଠାନଗୁଡିକ ସହିତ ବୈଜ୍ଞାନିକ ସହଯୋଗ ଆଗକୁ ନିଆଯିବ ।

## (B) ପରିବେଶ ଦୃଷ୍ଟିରୁ ଏକ ସ୍ଥାୟୀ ଜାତୀୟ ଉପକୂଳ ସାମୁଦ୍ରିକ ସ୍ଥାନିକ ଯୋଜନା ରୂପରେଖ

2.12 ଭାରତର ଉପକୂଳ କ୍ଷେତ୍ରଗୁଡିକର ବିଜ୍ଞାନସମ୍ମତ ଏବଂ ସଠିକ୍ ମ୍ୟାପିଙ୍ଗ୍ ଏକୀକୃତ ଉପକୂଳ ଏବଂ ସାମୁଦ୍ରିକ ସ୍ଥାନିକ ଯୋଜନା ଦିଗରେ ଆଗେଇ ନେବ । ଭାରତ ୟୁନେସ୍କୋ-ଆଇଓସି ମାର୍ଗଦର୍ଶନ ଗ୍ରହଣ ଏବଂ ଅନୁକୂଳନ କରିବ । ଆମର ଜାତୀୟ ଏବଂ ସ୍ଥାନୀୟ ଆବଶ୍ୟକତାଗୁଡ଼ିକ ପାଇଁ ଆବଶ୍ୟକ ସଂଶୋଧନଗୁଡିକ ସୁପାରିଶ କରିବାକୁ ଏକ ବିଶେଷଜ୍ଞ ଗୋଷ୍ଠି ଗଠନ କରାଯିବ । ଏଥିପାଇଁ ପୃଥିବୀ ବିଜ୍ଞାନ ଏବଂ ପରିବେଶ ମନ୍ତ୍ରାଳୟ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ ସମ୍ପର୍କିତ ବିଭାଗ / ଅନୁଷ୍ଠାନ ମଧ୍ୟରେ ଘନିଷ୍ଠ ସମନ୍ୱୟ ଆବଶ୍ୟକ କରିବ। ଭାରତର ଦ୍ୱୀପପୁଞ୍ଜ କ୍ଷେତ୍ର ସମେତ ଭାରତର ଇଇଜେଡ୍ ରେ ନୀଳ ଅର୍ଥନୀତିର ଭବିଷ୍ୟତ ବିକାଶ ଏବଂ ଦ୍ୱୀପପୁଞ୍ଜ କ୍ଷେତ୍ରରେ ପରିବେଶ ପର୍ଯ୍ୟଟନ ଯୋଜନା ଏବଂ ବ୍ଲୁ ଫ୍ଲାଗ୍ ବେଳାଭୂମି ସଂଖ୍ୟା ବୃଦ୍ଧି ପାଇଁ ସିଏମ୍ଏସ୍ପି ଆଧାର ସୃଷ୍ଟି କରିବ । ଯେହେତୁ ସିଏମ୍ଏସ୍ପି ଏକ ବ୍ୟାପକ ଉପଭୋକ୍ତା ଆଧାରରେ ତଥ୍ୟର ଉପଲବ୍ଧତା ଉପରେ ଆଧାରିତ, ତେଣୁ ଡାଟା ସୁରକ୍ଷା, ପାରଦର୍ଶିତା ଏବଂ ସୁଗମତାକୁ ଦୃଷ୍ଟିରେ ରଖି ଏକ ନୂତନ ଜାତୀୟ ମାନଚିତ୍ର ଏବଂ ଡାଟା ନୀତି ପ୍ରସ୍ତୁତ କରାଯିବ ।

2.13 ପରିବେଶ, ପୃଥିବୀ ବିଜ୍ଞାନ ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରାଳୟଗୁଡ଼ିକ, ରାଜ୍ୟ ଏବଂ ସ୍ଥାନୀୟ ସରକାର ଏବଂ ଉପକୂଳବର୍ତ୍ତୀ ସମୂହଗୁଡ଼ିକୁ ଅନ୍ତର୍ଭୁକ୍ତ କରି ସମୟବଦ୍ଧ ଭାବରେ ସାମୁଦ୍ରିକ ପ୍ରଦୂଷଣର ବର୍ଦ୍ଧିଷ୍ଣୁ ଦୁଷ୍ପ୍ରଭାବ ବିଶେଷକରି ପ୍ଲାଷ୍ଟିକ୍ ଏବଂ ମାଇକ୍ରୋ ପ୍ଲାଷ୍ଟିକ୍ଗୁଡ଼ିକରୁ, ଏକ ଦୃଢ଼ ପ୍ଲାଷ୍ଟିକ୍ ବିଲୋପନ ଏବଂ ଜାତୀୟ ସାମୁଦ୍ରିକ ବର୍ଜ୍ୟ ନୀତି ଦ୍ୱାରା ସମାଧାନ କରାଯାଇପାରିବ । ପରିବେଶ ଏବଂ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ଦ୍ୱାରା ପ୍ରସ୍ତାବିତ ଜାତୀୟ ଉପକୂଳ ଅଭିଯାନ ନୀଳ ଅର୍ଥନୀତି କାର୍ଯ୍ୟକଳାପ ସହିତ ଏକୀକୃତ ହେବ । ଏଥିସହିତ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି-14)ର କାର୍ଯ୍ୟକାରିତା ନୀଳ ଅର୍ଥନୀତି ନୀତିର ଏକ ଅଂଶ ହେବ ।

## (C) ସାମୁଦ୍ରିକ ମତ୍ସ୍ୟ, ଜଳଚର ଏବଂ ମତ୍ସ୍ୟ ପ୍ରକ୍ରିୟାକରଣର ବିକାଶ ପାଇଁ ଏକ ଲକ୍ଷ୍ୟ ।

2.14 ଗତ ପାଞ୍ଚ ବର୍ଷ ମଧ୍ୟରେ ମତ୍ସ୍ୟ ପାଳନ କ୍ଷେତ୍ର କୃଷି ଏବଂ ସହଯୋଗୀ କ୍ଷେତ୍ର ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି ପ୍ରଦର୍ଶନ କରିଛି । ମତ୍ସ୍ୟ ପରିଚାଳନା ପାଇଁ ଏକ ପାରିସ୍ଥିତିକ-ତନ୍ତ୍ର ଆଭିମୁଖ୍ୟ ଗ୍ରହଣ କରିବା ଦ୍ୱାରା ଆକ୍ୱା କଲ୍ଚର, କେଜ୍ କଲ୍ଚର, ସାମୁଦ୍ରିକ ତୃଣ ଏବଂ ଶୈବାଳ ଅମଳ ଓ ସ୍ଥାୟୀ ସାମୁଦ୍ରିକ ମାଛଧରାକୁ ପ୍ରୋତ୍ସାହିତ କରିବା ଦ୍ୱାରା ନୀଳ କ୍ରାନ୍ତିକୁ ଆହୁରି ପ୍ରସାରିତ କରାଯାଇପାରିବ । ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର, ଟେଲି-ଯୋଗାଯୋଗ, ଡିଜିଟାଲ୍ ଏବଂ ରିମୋଟ ସେନ୍ସିଂ ଆପ୍ଲିକେସନ୍ଗୁଡ଼ିକ ମତ୍ସ୍ୟ ପାଳନ ଏବଂ ମହାସାଗର ପରିଚାଳନାର ସମସ୍ତ ଦିଗରେ ମୁଖ୍ୟ ସ୍ରୋତ ହେବ । ତେବେ ଆଗାମୀ ବର୍ଷଗୁଡ଼ିକରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ଗୁରୁତ୍ୱ ପ୍ରଦାନ କରାଯିବ ।

2.15 ଶେଷ ମାଇଲ୍ ଯୋଗାଯୋଗ ସଂଯୁକ୍ତି, ବିତ୍ତୀୟ ଅନ୍ତର୍ଭୁକ୍ତି, ଉନ୍ନତ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ବିପଣନ ହସ୍ତକ୍ଷେପ ଦ୍ୱାରା ମତ୍ସ୍ୟଜୀବୀମାନଙ୍କର ଜୀବନ ଓ ଜୀବିକା ସୁରକ୍ଷିତ ଏବଂ ସଂବର୍ଦ୍ଧିତ ହେବ । ଏକ ବ୍ୟାପକ ଜାତୀୟ ସାମୁଦ୍ରିକ କୃଷି ନୀତି ପ୍ରଣୟନ କରି ଶୈବାଳ ଉତ୍ପାଦନ ପରି ସାମୁଦ୍ରିକ କୃଷିକୁ ପ୍ରୋତ୍ସାହିତ କରାଯିବ । ସାମୁଦ୍ରିକ ଜୈବ- ପ୍ରଯୁକ୍ତିର ସମ୍ଭାବନା ମତ୍ସ୍ୟ ସମ୍ପଦର ଅଣ-ଖାଦ୍ୟ କ୍ଷେତ୍ର ଉପରେ ଗୁରୁତ୍ୱ

ପ୍ରଦାନ କରି ଉପଯୋଗ କରାଯିବ । ବ୍ୟବସାୟକରଣର ଅପାର ସମ୍ଭାବନାକୁ ଅକ୍ତିଆର୍ କରିବା ପାଇଁ ଅଣଖାଦ୍ୟ କ୍ଷେତ୍ର ଉପରେ ଲକ୍ଷ୍ୟ କେନ୍ଦ୍ରିତ କରି ନୂତନ ପ୍ରଯୁକ୍ତି ସୃଷ୍ଟି ପାଇଁ ଏକ ଜାତୀୟ ସ୍ତରର "ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେରାଇନ୍ ବାୟୋଟେକ୍ନୋଲୋଜି" ସ୍ଥାପନ ତ୍ୱରିତ କରାଯିବ । ଆବଶ୍ୟକ ହେଲେ ବିଧେୟକକୁ ଅନ୍ତର୍ଭୁକ୍ତ କରି ସାମୁଦ୍ରିକ ମତ୍ସ୍ୟ ପାଳନ ଏବଂ ଜଳଜ ରୋଗର ପରିଚାଳନା ଓ ମହାସାଗର ସ୍ୱାସ୍ଥ୍ୟ ନିମନ୍ତେ ବିସ୍ତୃତ ପରିଚାଳନା ଏବଂ ନିୟାମକ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ।

## *(D) ନୀଳ ଅର୍ଥନୀତି ସହିତ ସଂଯୁକ୍ତ ଘରୋଇ ଉତ୍ପାଦନ, ଉଦୀୟମାନ ଶିଳ୍ପ, ବାଣିଜ୍ୟ, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା, ସେବା ଏବଂ ଦକ୍ଷତା ବିକାଶ ବୃଦ୍ଧି ପାଇଁ ଏକ ଲକ୍ଷ୍ୟ*

2.16 ଉନ୍ନତ ଲଜିଷ୍ଟିକ୍ସ, ମତ୍ସ୍ୟଚାଷ, ଜାହାଜ ନିର୍ମାଣ ଏବଂ ଉପକୂଳ ଏବଂ କ୍ରୁଜ୍ ପର୍ଯ୍ୟଟନ (ଦ୍ୱୀପ ପର୍ଯ୍ୟଟନ ଏବଂ ବିକାଶ ଅନ୍ତର୍ଭୁକ୍ତ କରି) ସହିତ ବନ୍ଦରଗୁଡ଼ିକର ବିକାଶ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ପାଇଁ ଏକ ବୃହତ୍ ସମ୍ଭାବନା ରହିଛି । ଉପଯୁକ୍ତ ଯୋଜନା ସମ୍ବନ୍ଧୀୟ ପଦକ୍ଷେପ ଦ୍ୱାରା ଏବଂ ଘରୋଇ କ୍ଷେତ୍ରକୁ ନୂତନ ବ୍ୟବସାୟ ସୁଯୋଗରେ ବିନିଯୋଗ କରିବାକୁ ଉତ୍ସାହିତ କରି ଏହି ସମସ୍ତ ପାଇଁ ଏକ ମାତ୍ରାତ୍ମକ ଏବଂ ଗୁଣାତ୍ମକ ବୃଦ୍ଧି ପ୍ରଦାନ କରାଯିବ । ସାମୁଦ୍ରିକ ଜୈବ ପ୍ରଯୁକ୍ତି, ଗଭୀର ସମୁଦ୍ର ଖନନ ଏବଂ ସାମୁଦ୍ରିକ ଶକ୍ତି ଭଳି ନୂତନ ତଥା ଉଦୀୟମାନ କ୍ଷେତ୍ରଗୁଡ଼ିକକୁ ପ୍ରୋତ୍ସାହିତ କରାଯିବ । ଏହି ଉଦୀୟମାନ କ୍ଷେତ୍ରଗୁଡିକ ପାଇଁ ଅଭିନବ ଆର୍ଥିକ ସହଯୋଗ ଏବଂ ବ୍ୟବସାୟ ମଡେଲଗୁଡିକ ଅନୁସନ୍ଧାନ କରାଯିବ କାରଣ ସେଗୁଡିକ ପୁଞ୍ଜି ପ୍ରଧାନ ।

2.17 ଆର ଏଣ୍ଡ ଡି ଏବଂ ନବସୃଜନ ଭାରତ ଦ୍ୱାରା ଦକ୍ଷତା ଲାଭ ଏବଂ ନେତୃତ୍ୱର ଚାବିକାଠି ଧାରଣ କରେ ଯେଉଁଥିପାଇଁ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ବୈଜ୍ଞାନିକ ଅନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ପ୍ରାକ୍ ଏବଂ ପରବର୍ତ୍ତୀ ସଂଲଗ୍ନତା ଥିବା ଆର ଏଣ୍ଡ ଡି ହବ୍ ସୃଷ୍ଟି ହେବ । ରୋଜଗାର ସୃଷ୍ଟି ଏବଂ ରପ୍ତାନି ସମ୍ଭାବନାକୁ ସର୍ବାଧିକ କରିବା ପାଇଁ ନୀଳ ବାଣିଜ୍ୟ ଏବଂ ନୀଳ ଉତ୍ପାଦନ ଅନୁସୃତ ହେବ ଯେଉଁଥିପାଇଁ ଉପଯୁକ୍ତ ଦକ୍ଷତା ପାଠ୍ୟକ୍ରମ ଏବଂ ଅନୁକୂଳ ନିୟାମକ ବ୍ୟବସ୍ଥା ପ୍ରସ୍ତୁତ କରାଯିବ । ଜୈବ ପ୍ରଣାଳୀର 'ବହନ କ୍ଷମତା' ମଧ୍ୟରେ ଭିତ୍ତିଭୂମି ଏବଂ ଆଗମନକୁ ସୀମିତ କରିବା ପାଇଁ ପରିବେଶଗତ ଭାବରେ ସମ୍ବେଦନଶୀଳ ପର୍ଯ୍ୟଟନ ଅଞ୍ଚଳଗୁଡ଼ିକରେ ସମୟ ସମୟରେ ପରିବେଶଗତ ପ୍ରଭାବ ଆକଳନ ଅଧ୍ୟୟନ କରାଯିବ ।

## *(E) ଲଜିଷ୍ଟିକ୍, ଭିତ୍ତିଭୂମି ଏବଂ ଜାହାଜ ଚଳାଚଳ (ଜାହାଜରେ ମାଲ୍ ପରିବହନ ଅନ୍ତର୍ଭୁକ୍ତ କରି) ବିକାଶ ପାଇଁ ଏକ ସମନ୍ୱିତ ଯୋଜନା*

2.18 ବର୍ତ୍ତମାନ ସୁଦ୍ଧା ସାଗରମାଳା କାର୍ଯ୍ୟକ୍ରମରେ ଚିନ୍ତା କରାଯାଇଥିବା ସଂବର୍ଦ୍ଧିତ ଲକ୍ଷ୍ୟ ଏବଂ ଆର୍ଥିକ ସହାୟତା ଜରିଆରେ ବନ୍ଦର ଦ୍ୱାରା କରାଯାଉଥିବା ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ କ୍ଲଷ୍ଟରଗୁଡିକୁ ତ୍ୱରାନ୍ୱିତ କରାଯିବ । ଭାରତରେ ଜାହାଜ ନିର୍ମାଣ ଶିଳ୍ପକୁ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଗୁରୁତ୍ୱ ସହିତ ଏକ 30 ବର୍ଷୀୟ ଯୋଜନା ସହିତ ପ୍ରୋତ୍ସାହିତ ଏବଂ ଆଧୁନିକୀକରଣ କରାଯିବ ।

2.19 ଶୁଳ୍କ କ୍ଷେତ୍ରର ସମନ୍ୱୟ ସମେତ ବ୍ୟବସାୟ କରିବାର ସହଜତା ଏବଂ ଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ଲଜିଷ୍ଟିକ୍ ଏବଂ ସଂଯୋଗତାକୁ ବୃଦ୍ଧି କରିବା ପାଇଁ ଏକ ସମ୍ପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରାଯିବ । ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବା ପାଇଁ ମଲ୍ଟି ମୋଡାଲ୍ ନେଟୱାର୍କ ଏବଂ ଡିଜିଟାଲ୍ ଗ୍ରୀଡ୍ ପାଇଁ ଏକ ଜାତୀୟ ମାଷ୍ଟର ପ୍ଲାନ୍ ଆରମ୍ଭ କରାଯିବ । ଉପକୂଳ ଏବଂ ଦ୍ୱୀପାଞ୍ଚଳ ପାଇଁ ଟେଲି ଯୋଗାଯୋଗ ଏବଂ ଡିଜିଟାଲ ଭିତ୍ତିଭୂମି ଦୃଢ଼ କରାଯିବ । ଜଟିଳ ଏବଂ ରଣନୈତିକ ସାମୁଦ୍ରିକ କ୍ଷେତ୍ରର ସମନ୍ୱିତ ଯୋଜନା ପାଇଁ ଏକ ଜାତୀୟ ସାମୁଦ୍ରିକ ନୀତି ମଧ୍ୟ ସ୍ଥାପିତ ହେବ ।

## *(F) ଉପକୂଳ ଏବଂ ଗଭୀର ସମୁଦ୍ର ଖନନ, ନୂତନ ଏବଂ ନବୀକରଣ ଯୋଗ୍ୟ ସାମୁଦ୍ରିକ ଶକ୍ତି ଏବଂ ଅନୁସନ୍ଧାନ ଏବଂ ବିକାଶ ପାଇଁ ଏକ ରୂପରେଖ*

2.20 ପୁନଃନବୀକରଣଯୋଗ୍ୟ ଶକ୍ତି, ହାଇଡ୍ରୋ କାର୍ବନ, ମୂଲ୍ୟବାନ୍ ଖଣିଜ ଏବଂ ଧାତବ ପ୍ରଦାନ କରିବା ପାଇଁ ମହାସାଗରଗୁଡ଼ିକର ବିଶାଳ

ସାମର୍ଥ୍ୟ ରହିଛି । ଇଇଜେଡ୍ ରେ ହାଇଡ୍ରୋ କାର୍ବନ୍‌ର ଅନ୍ୱେଷଣ ନିମେନ୍ତ ଅନେକ ଚୁକ୍ତିନାମା କରାଯାଇଛି ଏବଂ ଏ ସମ୍ପର୍କରେ କ୍ଲିଅରାନ୍ସ ଜାରି, ଡାଟା ଭାଗିଦାରୀ ଇତ୍ୟାଦି ନିମନ୍ତେ ଅନ୍ତଃମନ୍ତ୍ରାଳୟ ସମନ୍ୱୟର ଆବଶ୍ୟକତା ରହିଛି । ଉପଯୁକ୍ତ ବିତ୍ତୀୟ ଅନୁଷ୍ଠାନଗୁଡ଼ିକ ସହିତ ପୁଞ୍ଜି ନିବେଶକୁ ପ୍ରାଥମିକତା ପ୍ରଦାନ କରାଯିବା ସହିତ ଗବେଷଣା କରିବା ଏବଂ ପ୍ରଯୁକ୍ତି ବିକାଶ କରିବା ପାଇଁ ମାନବ ସମ୍ବଳର ନିୟୋଜନ କରାଯିବ । ଦେଶଜ ଅନୁଷ୍ଠାନ ଓ ଏଥିସହିତ ଅନ୍ତରାଷ୍ଟ୍ରୀୟଗୁଡ଼ିକ ମଧ୍ୟରେ ବୈଜ୍ଞାନିକ ସହଯୋଗ ଏକୀକୃତ ଏବଂ ଦୃଢ଼ୀଭୂତ କରାଯିବ । କାର୍ଯ୍ୟଯୋଗ୍ୟ ଜମାଗୁଡ଼ିକ ଅନ୍ୱେଷଣ କରିବା ପାଇଁ ଏବଂ ସେଗୁଡ଼ିକର ଦୋହନ ନିମନ୍ତେ ଏକ ମାର୍ଗ ସୃଷ୍ଟି କରିବା ପାଇଁ ଏକ ଜାତୀୟ ପ୍ଲେସର୍ ମିଶନ୍ ଆରମ୍ଭ କରିବା ପାଇଁ ଏହା ପରିକଳ୍ପନା କରିଛି । ଭାରତ ମଧ୍ୟ ଭାରତ ମହାସାଗରରେ କୋବାଲ୍ଟ ସମୃଦ୍ଧ ସି'- ମାଉଣ୍ଟ ଫେରୋମାଙ୍ଗାନିଜ୍ କ୍ରଷ୍ଟ (ଏସଏଫଏମସି)ର ଅନ୍ୱେଷଣରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ । ପରିବେଶ ପ୍ରଭାବ ହିସାବ ସହିତ ପୂର୍ବାକ୍ଷଣ ଏବଂ ଖନନ ନିମନ୍ତେ ଉପଯୁକ୍ତ ନୀତି ମଧ୍ୟ ସୃଷ୍ଟି କରାଯିବ । ଭାରତ 2023 ସୁଦ୍ଧା ଇଇଜେଡ୍ ଅନ୍ୱେଷଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏଥିପାଇଁ ସମୁଦ୍ରର ଗଭୀରତମ ସ୍ତରକୁ ଏକ ମାନବ ପରିଚାଳିତ ନିମଜ୍ଜିତ ଯାନ ନେବା ଆରମ୍ଭ କରିବା ଯଦି ଆବଶ୍ୟକ ହୁଏ ତେବେ ଅନ୍ୟ ସହଭାଗୀମାନଙ୍କ ସହ ସହଯୋଗରେ କରାଯିବା ପାଇଁ ପରିକଳ୍ପନା କରାଯାଇଛି । ନୀଳ ଅର୍ଥନୀତି ଏବଂ ଉଚ୍ଚ ପ୍ରଯୁକ୍ତିଗତ ଶିକ୍ଷାରେ ନୀଳ ଗବେଷଣା ଉପରେ ପାଠ୍ୟକ୍ରମ ଲକ୍ଷ୍ୟ ସହିତ ଭାରତର ପ୍ରଯୁକ୍ତି ଏବଂ ବୈଜ୍ଞାନିକ ବ୍ୟକ୍ତିବିଶେଷଙ୍କର ସମୂହ ଆହୁରି ମଧ୍ୟ ଦୃଢ଼ କରାଯିବ । ଭାରତ ଖଣିଜ ନିମନ୍ତେ ଆବଣ୍ଟିତ ହୋଇଥିବା କ୍ଷେତ୍ରରେ ଅନ୍ତରାଷ୍ଟ୍ରୀୟ ଜଳରେ ଅନ୍ୱେଷଣ ଗତିବିଧି ଗ୍ରହଣ କରିବା ଜାରି ରଖିବା ଉଚିତ୍ ।

2.21 ସମୁଦ୍ର ଶଯ୍ୟା ସମ୍ପଦଗୁଡ଼ିକ ସମେତ ଆମର ଉଭୟ ଜୀବନ୍ତ ଏବଂ ଅଣଜୀବନ୍ତ ସାମୁଦ୍ରିକ ସମ୍ପଦର ଏକ ସମ୍ପୂର୍ଣ୍ଣ ସୂଚୀ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି ଯେପରିକି ଅବିଳମ୍ବେ ଏକ ଜାତୀୟ ସାମୁଦ୍ରିକ ସମ୍ବଳ ଡାଟାବେସ୍ ପ୍ରସ୍ତୁତ ହୋଇପାରିବ ।

## *(G) ମହାସାଗର, ନିରାପତ୍ତା, ରଣନୈତିକ ଦିଗ ଏବଂ ଅନ୍ତରାଷ୍ଟ୍ରୀୟ ନିୟୋଜନଗୁଡ଼ିକ ନିମନ୍ତେ ଏକ ଏକୀକୃତ ଢାଞ୍ଚା*

2.22 ଭାରତ ସମଗ୍ର ଭାବରେ ସମସ୍ତ ପ୍ରାସଙ୍ଗିକ ଅନ୍ତରାଷ୍ଟ୍ରୀୟ ପକ୍ଷଗୁଡ଼ିକ ଏବଂ ମଞ୍ଚଗୁଡ଼ିକ ସହିତ ଆହୁରି ଅଧିକ ନୀଳ ଅଭିବୃଦ୍ଧି, ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା ଏବଂ ଏହାର ରଣନୈତିକ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ନିୟୋଜିତ ହେବ । ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମାନ ଅର୍ଥନୈତିକ ଏବଂ ରଣନୈତିକ ଅକ୍ଷକୁ ସ୍ୱୀକୃତି ଦେଇଥାଏ ଯାହା ଆଫ୍ରିକାର ପୂର୍ବ ଉପକୂଳରୁ ପଶ୍ଚିମ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ପରିବ୍ୟାପ୍ତ, ଯାହାକୁ ସିଚେଲ୍ସ-ସିଙ୍ଗାପୁର-ସାମୋଆ (ଏସଏସଏସ) ଅକ୍ଷ କୁହାଯାଇପାରିବ ।

2.23 ଏକ ସୁଚିହ୍ନିତ ଦୃଷ୍ଟିକୋଣ ଏହା ନିଶ୍ଚିତ କରିବା ପାଇଁ ଗ୍ରହଣ କରାଯିବ ଯେ ଭାରତ କମିଶନ୍ ଅଫ୍ ଦି ଲିମିଟ୍ସ ଅଫ୍ ଦି କଣ୍ଟିନେଣ୍ଟାଲ୍ ସେଲ୍ଫ (ସିଏଲସିଏସ), ଇଣ୍ଟରନ୍ୟାସନାଲ୍ ସିବେଡ୍ ଅଥରିଟି(ଆଇଏସବିଏ), ୟୁନାଇଟେଡ୍ ନେସନ୍ସ କନ୍‌ଭେନ୍‌ସନ୍ ଅନ୍ ଦି ଲ' ଅଫ୍ ଦି ସି' (ୟୁଏନସିଏଲଓଏସ୍) ଅଧିନରେ ସ୍ଥାପିତ ଇଣ୍ଟରନ୍ୟାସନାଲ୍ ଟ୍ରିବୁନାଲ୍ ଅନ୍ ଲ' ଅଫ୍ ଦି ସି' (ଆଇଟିଏଲଓଏସ୍) ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ଯେପରିକି ବାୟୋଲୋଜିକାଲ୍ ବାୟୋଡାଇଭର୍ସିଟି ବିୟଣ୍ଡ ନ୍ୟାସନାଲ୍ ଜୁରିସ୍‌ଡିକ୍ସନ୍‌ସ(ବିବିଏନଜେ) ଇତ୍ୟାଦି ଏବଂ ଅନ୍ୟାନ୍ୟ ବହୁମୁଖୀୟ ମଞ୍ଚ ପ୍ରଭୃତି ଯଥା ଇଣ୍ଟରଗଭର୍ଣ୍ଣମେଣ୍ଟାଲ୍ ଓସିଏନୋଗ୍ରାଫିକ୍ କମିଶନ୍ ଅଫ୍ ୟୁନେସ୍କୋର କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ଦେବା ଜାରି ରଖିଛି ।" ଏହି କାରଣରୁ ଏସବୁ ସଂସ୍ଥାରେ ଦୃଢ଼ ଉପସ୍ଥିତି ଅନିବାର୍ଯ୍ୟ । ସାମୁଦ୍ରିକ କ୍ଷେତ୍ର ସଚେତନତା ମୁଖ୍ୟ ଅଂଶିଦାର ଦେଶମାନଙ୍କ ସହିତ ଅନ୍ତରାଷ୍ଟ୍ରୀୟ ଭାଗିଦାରିତା ସହ ଦୃଢ଼ ହେବ । ଭାରତ 2015ରେ ସିକ୍ୟୁରିଟି ଆଣ୍ଡ ଗ୍ରୋଥ୍ ଫର୍ ଅଲ୍ ଇନ୍ ଦି ରିଜନ୍ (ଏସଏଜିଏଆର୍)ରେ ପରିକଳ୍ପନା କରାଯାଇଥିବା ଅନୁଯାୟୀ ଏକ ସୁରକ୍ଷିତ ଭାରତ ମହାସାଗର ନିମନ୍ତେ କାର୍ଯ୍ୟ କରିବା ଜାରି ରଖିବ ଯାହା ସାମୁଦ୍ରିକ ପଡୋଶୀମାନଙ୍କ ସହିତ ନୀଳ ଅର୍ଥନୀତି ଭାଗିଦାରିତାକୁ ଗଭୀର କରିବ । ବିଭିନ୍ନ ସାମୁଦ୍ରିକ ପଡୋଶୀମାନଙ୍କର ଆବଶ୍ୟକତା ଉପରେ ଆଲୋକପାତ କରି ଏକ ମଧ୍ୟ-ଅବଧି ଯୋଜନା ପ୍ରସ୍ତୁତ କରାଯିବ ଯଦ୍ୱାରା ପାରସ୍ପରିକ ଅଗ୍ରାଧିକାର ସହିତ ଉନ୍ନୟନ ସହାୟତାକୁ ଲକ୍ଷ୍ୟ କରାଯାଇପାରିବ । ଆଉ ଏକ କ୍ଷେତ୍ର ଯେଉଁଠାରେ

ଭାରତ ନିୟୋଜିତ ହେବ ତାହା ହେଉଛି ଡବ୍ଲ୍ୟୁଟିଓ (WTO)ରେ ମତ୍ସ୍ୟ ପାଳନ ରିହାତି ଉପରେ ଚାଲିଥିବା ବ୍ୟବସାୟିକ ବୁଝାମଣା ।

2.24 ଭାରତ ମହାସାଗରରେ ବହୁ ସ୍ତରୀୟ ସତର୍କ ନିରୀକ୍ଷଣ ଏବଂ ସୁରକ୍ଷା ବୃଦ୍ଧି କରାଯିବ ବିଶେଷକରି ଘରୋଇ ଉତ୍ପାଦନ ଏବଂ ଅଧିଗ୍ରହଣ ଜରିଆରେ । ଉପକୂଳୀୟ ଏବଂ ସାମୁଦ୍ରିକ ସୁରକ୍ଷା ଦୃଢ଼ କରାଯିବ ଯେଉଁଥିପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯିବ ଏବଂ ରାଜ୍ୟଗୁଡ଼ିକ ସହ ଭାଗିଦାରିତାରେ ଲାଗୁ କରାଯିବ ।

## *(H) ମହାସାଗର ପ୍ରଶାସନ*

2.25 ଏହି ନୀତିର ସମସ୍ତ ଗଠିତ ଦିଗଗୁଡ଼ିକ ଏକ ସଂଯୋଗଶୀଳ ମହାସାଗର ପ୍ରଶାସନ ରୂପରେଖ ଉପରେ ନିର୍ଭର କରେ ଯାହା ଏକାଧିକ ହିତଧାରକ ଏବଂ ବହୁ ସ୍ତରୀୟ ପ୍ରଶାସନିକ କର୍ତ୍ତୃପକ୍ଷ ଓ ଉପକୂଳୀୟ ସମୂହଗୁଡ଼ିକ ସହିତ ସମନ୍ୱୟ, ଯୋଗାଯୋଗ ଏବଂ ସ୍ୱଷ୍ଟତା ସୁନିଶ୍ଚିତ କରେ । ଏକ ସୁସଂଗତ ଶୈଳୀରେ ଏହି ପ୍ରସ୍ତାବିତ ନୀତିକୁ ଆଗକୁ ନେବା ଏବଂ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି । ଏହା ବିଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା, ପ୍ରୟାସର ନକଲ ଏଡ଼ାଇବ ଏବଂ ପଲିସି ସମନ୍ୱୟ ହାସଲ କରିବ । ସେଥିପାଇଁ, ଜାତୀୟ ନୀଳ ଅର୍ଥନୀତି ପରିଷଦ (ଏନବିଇସି) କୁହାଯାଉଥିବା ଏକ ସର୍ବୋଚ୍ଚ ସଂସ୍ଥା ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଛି ଯାହା ସମସ୍ତ ବିଦ୍ୟମାନ ବିଶେଷଜ୍ଞତା ଏବଂ ଯୋଜନାଗୁଡ଼ିକୁ ସମୁଦାୟ ଯୋଜନା ଏବଂ କାର୍ଯ୍ୟକାରିତା ନିମନ୍ତେ ଗୋଟିଏ ତତ୍ତ୍ୱାବଧାରକ ଏଜେନ୍ସି ଅଧିନକୁ ଆଣିବ ।

## *ନୀଳ ଅର୍ଥନୀତି ପ୍ରଶାସନ ରୂପରେଖ*

2.26 ଏହା ପ୍ରସ୍ତାବ ରଖାଯାଇଛି ଜାତୀୟ ନୀଳ ଅର୍ଥନୀତି ପରିଷଦ ସମସ୍ତ ପ୍ରାସଙ୍ଗିକ ହିତଧାରକମାନଙ୍କୁ ଏକତ୍ର କରି ଗଠିତ ହେବ । ଏହି ଏନ୍‌ବିଇସି ରୂପରେଖ ନିରନ୍ତରତାର ସିଦ୍ଧାନ୍ତ, ଅନ୍ୟ ସମସ୍ତ କର୍ତ୍ତୃପକ୍ଷ, କ୍ଷେତ୍ରଗତ ରୂପରେଖ ଏବଂ ଉପରେ ଉଲ୍ଲେଖ କରାଯାଇଥିବା ବିଷୟ ସହ ସମ୍ପର୍କିତ କାର୍ଯ୍ୟକାରୀ ନୀତିଗୁଡ଼ିକୁ ଦୃଷ୍ଟିରେ ରଖି ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ରଖିଛି । ଏହା ଅନ୍ତଃସଂଯୁକ୍ତ ସମସ୍ୟା ସମାଧାନ ଏବଂ ବିତ୍ତୀୟ ସମ୍ପଦର ସର୍ବାଧିକ ଉପଯୋଗ କରିବା ସହିତ ଏକ ଏକୀକୃତ ଆଭିମୁଖ୍ୟ ସୃଷ୍ଟି କରିବ । ଏହି ପରିଷଦ ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକୁ ସୁବିଧାଜନକ କରିବ:

i) ନୀଳ ଅର୍ଥନୀତି ଯୋଜନା, ପ୍ରକଳ୍ପ ଏବଂ ସମୟାନୁକୂଳିତ କାର୍ଯ୍ୟାନ୍ୱୟନର ମୋଟାମୋଟି ମୂଲ୍ୟାୟନ ଏବଂ ନିରୀକ୍ଷଣ ।

ii) ଏହି ନୀତିର ଲକ୍ଷ୍ୟଗୁଡ଼ିକ ପ୍ରୋତ୍ସାହିତ କରିବା ପାଇଁ ଦିଶା ନିର୍ଦ୍ଦେଶ ଏବଂ ନିର୍ଦ୍ଦେଶ ପ୍ରଦାନ ।

iii) ନୀଳ ଅର୍ଥନୀତିରେ ଅନ୍ତରାଷ୍ଟ୍ରୀୟ ସହଯୋଗ ବୃଦ୍ଧି, କ୍ଷମତା ଗଠନରେ ମନ୍ତ୍ରାଳୟ/ବିଭାଗଗୁଡ଼ିକୁ ଦିଶା ନିର୍ଦ୍ଦେଶ/ ନିର୍ଦ୍ଦେଶ ପ୍ରଦାନ ।

iv) ଯେତେବେଳେ ଆବଶ୍ୟକ ଟାରିଫ୍ ସ୍ଥିର, ମତ୍ସ୍ୟ ପାଳନ ରିହାତି ବୁଝାମଣା ଏବଂ ନିୟାମକ ପ୍ରସଙ୍ଗଗୁଡ଼ିକ ଦିଗରେ ଦିଶା ନିର୍ଦ୍ଦେଶ/ ନିର୍ଦ୍ଦେଶ ପ୍ରଦାନ ।

ଆହୁରି ମଧ୍ୟ, ତଟବର୍ତ୍ତୀ ଗତିବିଧି ଯେମିତିକି ଅନ୍ୱେଷଣ, ପରିବହନ, ଭଣ୍ଡାରଣ ଇତ୍ୟାଦିର ଅନୁମତି ପ୍ରଦାନ, ଲିଜ୍ ପ୍ରଦାନ, ମୂଲ୍ୟାଙ୍କନ ଏବଂ ନିରୀକ୍ଷଣ ନିମନ୍ତେ ଭାରତର ଏକ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ ରୂପରେଖ କିମ୍ବା ସମ୍ପୂର୍ଣ୍ଣ/ ବିସ୍ତୃତ ନିୟାମକ ନାହିଁ । ଏମ୍‌ଏନ୍‌ଆର୍‌ଇ (MNRE) ପରି କେତେକ ମନ୍ତ୍ରାଳୟ ଏହା କହିବା ପାଇଁ ଉଦ୍ୟମ କରିଛନ୍ତି । ସେହି କାରଣରୁ, ଭାରତରେ ସମସ୍ତ ମହାସାଗର ସମ୍ପଦ - ଖଣିଜଗୁଡ଼ିକ, ଗଭୀର ସମୁଦ୍ର ମତ୍ସ୍ୟ ସମ୍ପଦ, ଉପକୂଳ ଶକ୍ତି ବିକାଶ ଇତ୍ୟାଦିର ପରିବେଶଗତ ପରିଚାଳନା ନିମନ୍ତେ ଏକ ସମେକିତ ପ୍ରଶାସନିକ ସଂରଚନା ସୃଷ୍ଟି କରିବାର ଏକ ଜରୁରୀ ଆବଶ୍ୟକତା ରହିଛି । ଏହା ବିଭିନ୍ନ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ସକ୍ଷମ କରିବ ଏବଂ ବିଭିନ୍ନ ନିୟାମକ ଏବଂ ପ୍ରଶାସନିକ ଆଧୁନିକ ସହିତ ଅନ୍ତରାଷ୍ଟ୍ରୀୟ ଅଭିଜ୍ଞତାକୁ ବିଚାରକୁ ନେବ । ଏହା ପ୍ରସ୍ତାବିତ ଏନ୍‌ବିଇସି (NBEC)ର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହେବ ।

2.27 ଏହି କର୍ତ୍ତୃପକ୍ଷ ସର୍ବୋଚ୍ଚ କର୍ତ୍ତୃପକ୍ଷ ହେବ ଯାହା କେନ୍ଦ୍ରୀୟ ରାଜ୍ୟ ଏବଂ ସ୍ଥାନୀୟ ପ୍ରଶାସନରେ ବିଭିନ୍ନ ହିତଧାରକମାନଙ୍କ ମଧ୍ୟରେ ଯୋଜନା ପ୍ରକ୍ରିୟା ଏକୀକୃତ କରିବ । ଏହା ଶିଳ୍ପ, ଗବେଷଣା ଅନୁଷ୍ଠାନ ଏବଂ ନୀତି ପକ୍ଷଧର ଗୋଷ୍ଠୀଗୁଡ଼ିକରୁ ପ୍ରତିନିଧିଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରିବ ।

ପରିଷଦର ସଦସ୍ୟମାନେ ପୃଥିବୀ ବିଜ୍ଞାନ, ବହିର୍ବ୍ୟାପାର, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି, ଖଣି, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍, ମତ୍ସ୍ୟ ପାଳନ, ବିଜ୍ଞାନ ଓ ପ୍ରଯୁକ୍ତି, ପର୍ଯ୍ୟଟନ, ପ୍ରତିରକ୍ଷା, ବାଣିଜ୍ୟ, ଜାହାଜ ଚଳାଚଳ, ବିତ୍ତ ଏବଂ ଏନ୍ଏସ୍ଏ ର ମନ୍ତ୍ରୀମାନେ ହୋଇପାରିବେ । ଆହୁରି ମଧ୍ୟ, ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ନୀତି ଆୟୋଗର ଉପାଧ୍ୟକ୍ଷଙ୍କ ସହିତ ସଦସ୍ୟ ହୋଇପାରିବେ । ଏଫ୍ଆଇସିସିଆଇ, ଆସୋଚାମ୍ ଏବଂ ସିଆଇଆଇ ର ଅଧ୍ୟକ୍ଷମାନେ ନିମନ୍ତ୍ରିତ ହୋଇପାରିବେ ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର ସଚିବ ସଦସ୍ୟ-ସଚିବ ହୋଇପାରିବେ ।

ଏହି ପରିଷଦ ମୁଖ୍ୟ ପ୍ରସଙ୍ଗଗୁଡ଼ିକ ଆଲୋଚନା କରିବା ପାଇଁ, ଯୋଜନା ଓ ରଣନୀତିଗୁଡ଼ିକ ଅନୁମୋଦନ କରିବା ପାଇଁ ଏବଂ ଏଥିସହିତ ଉପଲବ୍ଧିଗୁଡ଼ିକ ସମୀକ୍ଷା କରିବା ପାଇଁ ଗୋଟିଏ ବର୍ଷରେ ଅତି କମ୍‌ରେ ଥରେ ବୈଠକ କରିବା ଆବଶ୍ୟକ ହେବ ।

4.28 ବିଭିନ୍ନ କାର୍ଯ୍ୟ ବିନ୍ଦୁଗୁଡ଼ିକର କାର୍ଯ୍ୟାନ୍ୱୟନ ଗୋଟିଏ କାର୍ଯ୍ୟନିର୍ବାହୀ କମିଟି ଆବଶ୍ୟକ କରିବ ଯାହା ଯୋଜନା, ସମନ୍ୱୟ ଏବଂ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ଅବଲୋକନ ନିମନ୍ତେ ଦାୟୀ ରହିବ । ସେହି ଅନୁଯାୟୀ ଏହି ପରିଷଦ ଏହାର କାର୍ଯ୍ୟ ନିର୍ବାହୀ କମିଟି ଜରିଆରେ ସଞ୍ଚାଳିତ ହେବ ଯାହା ହୁଏତ ଏମଓଇଏସ୍ ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ, ନୀତି ଆୟୋଗର ସିଇଓଙ୍କୁ ଉପାଧ୍ୟକ୍ଷ ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟର ସଚିବଙ୍କୁ ସଦସ୍ୟ-ସଚିବ ଭାବରେ ନେଇପାରିବ। ବିତ୍ତ (ବ୍ୟୟ ବିଭାଗ), ବହିର୍ବ୍ୟାପାର, ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍, ମତ୍ସ୍ୟପାଳନ, ବିଜ୍ଞାନ ଓ ପ୍ରଯୁକ୍ତି, ପର୍ଯ୍ୟଟନ, ପ୍ରତିରକ୍ଷା, ଜାହାଜ ପରିବହନ, ବାଣିଜ୍ୟ ମନ୍ତ୍ରାଳୟଗୁଡ଼ିକର ସଚିବମାନେ ଓ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକର ସଂପୃକ୍ତ ମୁଖ୍ୟ ସଚିବମାନେ, ଏନ୍ଏସ୍ଏ-ର ପ୍ରତିନିଧି ଏବଂ ସମ୍ପୃକ୍ତ ଶିଳ୍ପ ସଂଘର ବରିଷ୍ଠ ପ୍ରତିନିଧିମାନେ ସଦସ୍ୟ ହେବେ ।

କାର୍ଯ୍ୟନିର୍ବାହୀ କମିଟିର ହୁଏତ ନିମ୍ନୋକ୍ତ ବିଚାରାର୍ଥ ବିଷୟ ରହିବ:

(i) ଜାତୀୟ ନୀଳ ଅର୍ଥନୀତି ପରିଷଦର ଅନୁମୋଦନଗୁଡ଼ିକର କାର୍ଯ୍ୟକାରିତା କରିବାରେ ମନ୍ତ୍ରାଳୟ/ ବିଭାଗଗୁଡ଼ିକର ସୁବିଧା ଏବଂ ସମର୍ଥନ

(ii) ଯୋଜନା, ସମନ୍ୱୟ ଏବଂ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାରମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ଅବଲୋକନ ନିମନ୍ତେ ଦାୟୀ ରହିବ

(iii) ନୀଳ ଅର୍ଥନୀତିରେ ଅନ୍ତରାଷ୍ଟ୍ରୀୟ ସହଯୋଗ ବୃଦ୍ଧି, କ୍ଷମତା ଗଠନରେ ମନ୍ତ୍ରାଳୟ/ବିଭାଗଗୁଡ଼ିକୁ ସମର୍ଥନ ପ୍ରଦାନ

(iv) ଯେତେବେଳେ ଆବଶ୍ୟକ ଟାରିଫ୍ ସ୍ଥିର, ମତ୍ସ୍ୟ ପାଳନ ରିହାତି ବୁଝାମଣା ଏବଂ ନିୟାମକ ପ୍ରସଙ୍ଗଗୁଡ଼ିକରେ ମନ୍ତ୍ରାଳୟ/ ବିଭାଗଗୁଡ଼ିକୁ ସୁବିଧା ପ୍ରଦାନ କରିବ

ଏହି କମିଟି ଆବଶ୍ୟକତା ଅନୁଯାୟୀ ବୈଠକ କରିବାକୁ ଆଶା କରାଯାଉଛି ତେବେ ବର୍ଷକୁ ଅତି କମ୍‌ରେ ତିନି ଥର । ଏହି ପରିଷଦର ଉପଯୁକ୍ତ ବରିଷ୍ଠତା ରାଙ୍କ ଓ ଅଭିଜ୍ଞତାର ଜଣେ ପଦାଙ୍କିତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ରହିବେ । ଅବଶ୍ୟ, ପରାମର୍ଶ ଦିଆଯାଇଥିବା ପରିଷଦ ଏବଂ କାର୍ଯ୍ୟନିର୍ବାହୀ କମିଟିର ଆବଶ୍ୟକତା ନୀତି ରୂପରେଖ ଚୂଡ଼ାନ୍ତ କରିବା ପୂର୍ବରୁ ଏମଓଇଏସ୍ ସହ ପରାମର୍ଶରେ ମୂଲ୍ୟାଙ୍କନ କରାଯିବ ।

## *ଜାତୀୟ ନୀଳ ଅର୍ଥନୀତି ପାଣ୍ଠି (ଏନବିଇଏଫ୍)*

2.29 ଏନ୍‌ବିଇସି ଅଧିନରେ ବିଭିନ୍ନ ଉପକ୍ରମ କାର୍ଯ୍ୟକାରୀ କରିବା ପାଇଁ ଏକ ନୀଳ ଅର୍ଥନୀତି ପାଣ୍ଠି ସ୍ଥାପିତ ହେବ । ଏହା ଅଂଶଗ୍ରହଣକାରୀ ମନ୍ତ୍ରାଳୟ/ ବିଭାଗ କିମ୍ବା ଏନ୍‌ବିଇସି ର ପ୍ରଶାସନିକ ପରିଷଦର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ ଏକକ ବଜେଟ୍ ସାମଗ୍ରୀ ଜରିଆରେ ହୋଇପାରେ । ଭାରତର ରଣନୈତିକ ଗୁରୁତ୍ୱର ପରସ୍ପର ସଂଯୁକ୍ତ ପ୍ରକଳ୍ପଗୁଡ଼ିକୁ ଆରମ୍ଭ କରିବା ଏବଂ ସମର୍ଥନ ଦେବା ଏହାର ଲକ୍ଷ୍ୟ ହେବ ।

## ମଧ୍ୟବର୍ତ୍ତୀ ଅବଧି ନିମନ୍ତେ ଲକ୍ଷ୍ୟଗୁଡ଼ିକ

ସମୟ ସମୟରେ ସମସ୍ୟାଗୁଡ଼ିକ ସୃଷ୍ଟି ହେବ ତଥାପି, ନିମ୍ନୋକ୍ତ କାର୍ଯ୍ୟଯୋଗ୍ୟ ବିନ୍ଦୁଗୁଡ଼ିକ ମଧ୍ୟବର୍ତ୍ତୀ ଅବଧି ନିମନ୍ତେ ମୋଟାମୋଟି ପରିକଳ୍ପନା କରାଯାଇଛି ।

## ନୀଳ ଅର୍ଥନୀତି ବିଧେୟକ

2.30 ମଧ୍ୟବର୍ତ୍ତୀ ଅବଧିରେ ନୀଳ ଅର୍ଥନୀତି ପାଇଁ ଏକ ଉପଯୁକ୍ତ ବୈଧାନିକ ରୂପରେଖ ଲାଗୁ କରିବାର ଆବଶ୍ୟକତା ରହିବ । ଏକ ଆବଶ୍ୟକତା ଆକଳନ ଉପରେ ଆଧାର କରି ବିକାଶ, ନିୟନ୍ତ୍ରଣ ଏବଂ ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଏକ ବିସ୍ତୃତ ବ୍ୟାପକ ବିଧେୟକ ଏବଂ/କିମ୍ବା ସମ୍ପୃକ୍ତ ମନ୍ତ୍ରାଳୟ ସହ ସଂଲଗ୍ନ ନିର୍ଦ୍ଦିଷ୍ଟ ଆଇନଗୁଡ଼ିକ ସମୀକ୍ଷା, ସଂଶୋଧନ କିମ୍ବା କାର୍ଯ୍ୟକାରୀ ହୋଇପାରେ । ତଥାପି ନିକଟ ଅବଧିରେ ଏହି ପ୍ରସ୍ତାବିତ ନୀତି ରୂପରେଖ ଏନ୍‌ବିଇସି  ପରି ଏକ ସଂସ୍ଥାର ଆନୁଷ୍ଠାନିକ କାର୍ଯ୍ୟକାରିତାକୁ ଅନୁମତି ଦେବା ପାଇଁ ଯଥେଷ୍ଟ ହେବ । ଭବିଷ୍ୟତ ବିଧେୟକ ସିଏମ୍‌ଏସ୍‌ପି ପାଇଁ ବିବେଚନା କରାଯାଇପାରେ ଯେଉଁଥିପାଇଁ ଏନ୍‌ବିଇସି  ପ୍ରଶାସନିକ କର୍ତ୍ତୃପକ୍ଷ ହେବ ।

## ସଂବର୍ଦ୍ଧିତ କ୍ଷମତାଗୁଡ଼ିକ

2.31 ଏହି ନୀଳ ଅର୍ଥନୀତିକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଏବଂ ନିଯୁକ୍ତି ବହୁଗୁଣକ ଭାବରେ ଦେଖାଯିବା ଉଚିତ୍ । ଏହାର ଘଟକ କ୍ଷେତ୍ରଗୁଡ଼ିକୁ ଯୋଗାଇବା ପାଇଁ ଏକ ପ୍ରତିଭା ସମୂହରେ ଆବଶ୍ୟକ କ୍ଷମତାଗୁଡ଼ିକ ସୃଷ୍ଟି କରିବାର ଏକ ଆବଶ୍ୟକତା ସୃଷ୍ଟି କରିଥାଏ । ଏହା ନୀଳ ଅର୍ଥନୀତି ଦିଗରେ ଉଚ୍ଚ ଶୈକ୍ଷଣୀୟ ପାଠ୍ୟକ୍ରମଗୁଡ଼ିକ ଉନ୍ମୁଖ କରିବା ଆବଶ୍ୟକ କରିବ । ଏଥିସହିତ, ନୀଳ ଅର୍ଥନୀତିର ଭିନ୍ନ ଭିନ୍ନ କ୍ଷେତ୍ରଗୁଡ଼ିକରେ ପ୍ରତିଭାବାନ୍ ସମୂହକୁ ନିଯୁକ୍ତି ଦେବା ପାଇଁ ବିଶ୍ୱବିଦ୍ୟାଳୟ ଏବଂ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍ ଟେକ୍ନୋଲୋଜି ଏବଂ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନୋଗ୍ରାଫି ପରି ଗବେଷଣା ଓ ଉନ୍ନୟନ ଅନୁଷ୍ଠାନ ସହିତ ସଂଯୁକ୍ତି ସ୍ଥାପନ କରିବା ଆବଶ୍ୟକ । ନୀଳ ଅର୍ଥନୀତିର ଭିନ୍ନ ଭିନ୍ନ କ୍ଷେତ୍ର ଏବଂ ବିଭିନ୍ନ ସ୍ତରରେ ନିମନ୍ତେ ଦେଶରେ ଆବଶ୍ୟକୀୟ ମାନବ ସମ୍ବଳ ଦକ୍ଷତା ବିକାଶ ପାଇଁ ଏବଂ ଏଥିସହିତ ନୂତନ ଶିକ୍ଷା ନୀତିର ରୂପରେଖ ମଧ୍ୟରେ ନୀଳ ଅର୍ଥନୀତି ଉପରେ ଏକ ନୂତନ ପାଠ୍ୟକ୍ରମ ସୃଷ୍ଟି କରିବା ଏକ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ହେବ । ଏହା ଶିକ୍ଷା, ଦକ୍ଷତା ବିକାଶ ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟଗୁଡ଼ିକ ଦ୍ୱାରା ମିଳିତ ଭାବରେ କାର୍ଯ୍ୟକାରୀ ହେବ ।

## ସ୍ୱଚ୍ଛ ଭାରତରୁ ସ୍ୱଚ୍ଛ ପୃଥିବୀ, ସ୍ୱଚ୍ଛ ସାଗର

2.32  2 ଅକ୍ଟୋବର 2014ରେ ସମ୍ମାନୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସ୍ୱଚ୍ଛ ଭାରତ ଅଭିଯାନ (ଏସବିଏମ୍) ହେଉଛି ପୃଥିବୀର ବୃହତ୍ତମ ପରିମଳ, ବର୍ଜ୍ୟ ପରିଚାଳନା ଏବଂ ଆଚରଣ ପରିବର୍ତ୍ତନ କାର୍ଯ୍ୟକ୍ରମ ।" ଏହା ବର୍ତ୍ତମାନ ସୁଦ୍ଧା ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳରେ ଉଲ୍ଲେଖନୀୟ ପ୍ରଭାବ ପକାଇସାରିଛି ।

ଆଜି, ସାମୁଦ୍ରିକ ପ୍ରଦୂଷଣ ହେଉଛି ମହାସାଗରଗୁଡ଼ିକର ସ୍ୱାସ୍ଥ୍ୟ ପାଇଁ ବୃହତ୍ତମ ବିପଦ । ପ୍ରାୟ 80% ସାମୁଦ୍ରିକ ପ୍ରଦୂଷଣ ଭୂଆଧାରିତ ଉତ୍ସଗୁଡ଼ିକ, ବିଶେଷକରି ଉପକୂଳବର୍ତ୍ତୀ ସହର ଏବଂ ସମୂହଗୁଡ଼ିକ ଦ୍ୱାରା ଉତ୍ପନ୍ନ ହୋଇଥାଏ । ଏହି କାରଣରୁ, ସ୍ୱଚ୍ଛ ଭାରତର ଆଭିମୁଖ୍ୟ ଏବଂ କାର୍ଯ୍ୟାନ୍ୱୟନକୁ 'ସ୍ୱଚ୍ଛ ପୃଥିବୀ, ସ୍ୱଚ୍ଛ ସାଗର' ଅବଧାରଣାକୁ ପ୍ରସାରିତ କରିବା ହେଉଛି ସମୟର ଆବଶ୍ୟକତା । ଏହା ମାନବ ଏବଂ ଉଦ୍ୟୋଗ ବର୍ଜ୍ୟ ପରିଚାଳନା ରଣନୀତି ପ୍ରତି ଏକ ଅନନ୍ୟ ଏବଂ ସମ୍ପୂର୍ଣ୍ଣ ଦୃଷ୍ଟିକୋଣ ସୃଷ୍ଟି କରିବ, ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ଭୂମି ଏବଂ ଜଳ ଆଧାରିତ ହସ୍ତକ୍ଷେପ ମଧ୍ୟରେ ସମ୍ମିଳନ ହାସଲ କରିବ । ଏହା ମଧ୍ୟ ଏପରି ଦୃଷ୍ଟିକୋଣ ପ୍ରତିପାଦନ କରିବାରେ ବିଶ୍ୱରେ ଭାରତକୁ ପ୍ରଥମ ଦେଶ କରିବ । ଏହି ଅନନ୍ୟ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ, ସହରାଞ୍ଚଳ ବିକାଶ ଏବଂ ପୃଥିବୀ ବିଜ୍ଞାନ ମନ୍ତ୍ରାଳୟଗୁଡ଼ିକ ରାଜ୍ୟ ଏବଂ ସ୍ଥାନୀୟ ସରକାର ଓ ଉପକୂଳବର୍ତ୍ତୀ ସମୂହ ସହିତ ଭାଗିଦାରିତା କରିବା ଆବଶ୍ୟକ ହେବ ।

## ଉପସଂହାର

2.33 ଏହି ପ୍ରସ୍ତାବିତ ନୀତି ଆଗାମୀ ପାଞ୍ଚ ବର୍ଷରେ ଭାରତର ଜିଡିପିରେ ଉଲ୍ଲେଖଯୋଗ୍ୟ ଭାବରେ ଯୋଗଦାନ ବୃଦ୍ଧି କରିବାର, ଉପକୂଳବର୍ତ୍ତୀ ସମୂହର ଜୀବନରେ ଉନ୍ନତି, ଆମର ସାମୁଦ୍ରିକ ଜୈବ ବିବିଧତା ସଂରକ୍ଷଣ କରିବା ଏବଂ ଆମର ସାମୁଦ୍ରିକ ଅଞ୍ଚଳ ଓ ସମ୍ପଦଗୁଡ଼ିକର ସୁରକ୍ଷା ବଜାୟ ରଖିବାର ଲକ୍ଷ୍ୟ ରଖିଛି । ଆଜି, ଏହି ନୀଳ ଅର୍ଥନୀତି ଅର୍ଥନୈତିକ ଅଭିବୃଦ୍ଧି ଏବଂ ସୁସ୍ଥତାର ପରବର୍ତ୍ତୀ ଗୁଣକ ହେବାର ପ୍ରତିଶ୍ରୁତି ବହନ କରୁଛି, ସର୍ତ୍ତ ଏହି ଯେ ଏହି ରଣନୀତି ନିରନ୍ତରତା ଏବଂ ସାମାଜିକ ଅର୍ଥନୈତିକ କଲ୍ୟାଣକୁ କେନ୍ଦ୍ର ପର୍ଯ୍ୟାୟରେ ସ୍ଥାନିତ କରିବ । ଏହି କାରଣରୁ, ଏକ ନୀଳ ଅର୍ଥନୀତି, ନୀତି ସୃଷ୍ଟି କରିବା ନିମନ୍ତେ ପ୍ରସ୍ତାବିତ ମାର୍ଗ ଅର୍ଥନୈତିକ ଅଭିବୃଦ୍ଧି ଏବଂ କଲ୍ୟାଣର ସମ୍ଭାବନାକୁ ମୁକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ହେବ ।

